بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସାପ୍ତାହିକ ବଦର କାଦିଆନ
Weekly BADAR Qadian

ସଂଖ୍ୟା 21-22

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23-30 ମଇ 2019    23-30 ହିଜରତ୍ 1398 ହି.ଶ    17-24 ରମ୍‌ଜାନ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلۡ یٰۤاَہۡلَ الۡکِتٰبِ تَعَالَوۡا اِلٰی کَلِمَۃٍ سَوَآءٍۢ بَیۡنَنَا وَبَیۡنَکُمۡ اَلَّا نَعۡبُدَ اِلَّا اللّٰہَ وَلَا نُشۡرِکَ بِہٖ شَیۡئًا وَّلَا یَتَّخِذَ بَعۡضُنَا بَعۡضًا اَرۡبَابًا مِّنۡ دُوۡنِ اللّٰہِ (آل عمران:65)

ଅନୁବାଦ- (ତୁମ୍ଭେ) କୁହ, ''ହେ ଗ୍ରନ୍ଥଧାରୀମାନେ! ତୁମ୍ଭେମାନେ (ଅନ୍ତତଃ) ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମ ମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ (ଏବଂ ତାହା ହେଉଛି) ଯେ ଆମେମାନେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାରି ଉପାସନା କରିବା ନାହିଁ; ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବା ନାହିଁ ଏବଂ ଅଲ୍ଲାଃଙ୍କୁ ପରିତ୍ୟାଗ କରି ପରସ୍ପର ମଧ୍ୟରେ ଜଣେ ଅନ୍ୟକୁ ପାଳନକର୍ତ୍ତା ରୂପେ ଗ୍ରହଣ କରିବା ନାହିଁ ।

*(ଆଲେ ଇମରାନ୍: ୬୫)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଆମର ଶ୍ରେଷ୍ଠ ମାର୍ଗଦର୍ଶକ ନବୀ ଶିରୋମଣୀ ସ.ଅଙ୍କ ସାହାବା କରାମ ର.ଅ ନିଜ ସୃଷ୍ଟିକର୍ତ୍ତା ଓ ରସୁଲଙ୍କ ନିମନ୍ତେ କି କି ପ୍ରାଣମୋଚ୍ଛା ସେବା ସମ୍ପାଦନ କରିଥିଲେ, ଦେଶରୁ ବହିଷ୍କୃତ କରାଗଲେ, ଅତ୍ୟାଚାରିତ ଓ କିସମ କିସମର ଯନ୍ତ୍ରଣା ସହ୍ୟ କଲେ, ପ୍ରାଣ ଉତ୍ସର୍ଗ କରିଦେଲେ କିନ୍ତୁ ନିଷ୍ଠା ଓ ସତ୍ୟବାଦୀ ପଥରେ ଦୃଢତାର ସହ ଅଟଳ ରହିଲେ ତେବେ ତାହା କେଉଁ କାରଣରୁ ଥିଲା ଯାହାକି ସେମାନଙ୍କୁ ନିଜ ଜୀବନ ଉତ୍ସର୍ଗକାରୀ କରିଦେଇଥିଲା, ତାହା ଈଶ୍ୱରଙ୍କ ବାସ୍ତବିକ ପ୍ରେମର ଉତେଜନା ଥିଲା, ଯାହାର କିରଣ ସେମାନଙ୍କ ହୃଦୟରେ ପଡ଼ି ସାରିଥିଲା । ତେଣୁ ଯେକୌଣସି ନବୀଙ୍କ ସହ ମୁକାବିଲା କରିନିଅ ହଜୁର ସ.ଅଙ୍କ ଶିକ୍ଷା, ଅନ୍ତଃ ପବିତ୍ରତା, ନିଜ ଅନୁଗାମୀମାନଙ୍କୁ ସାଂସାରିକ ମୋହମାୟା ଠାରୁ ଭ୍ରମିତ କରିଦେବା, ବିରତ୍ୱର ସହ ସତ୍ୟ ପାଇଁ ନିଜ ରକ୍ତ ବୁହାଇବା ନିମନ୍ତେ ପ୍ରସ୍ତୁତ ହୋଇଯିବା, ଏପରି ଉଦାହରଣ ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

### ହଜରତ ମହମ୍ମଦ ସ.ଅ ଓ ଆପଣଙ୍କ ସାହାବା କରାମଙ୍କ ସ୍ତର-

ଯେଉଁ ନିଷ୍ଠା ଓ ସତ୍ୟବାଦୀର ଉଦାହରଣ ହଜୁର ସ.ଅ ଅବା ଆପଣଙ୍କ ସାହାବା କରାମ ପ୍ରଦର୍ଶନ କରିଛନ୍ତି ତାହାର ଉଦାହରଣ ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ । ନିଜର ଅତି ପ୍ରିୟ ଜୀବନ ଉତ୍ସର୍ଗ କରିବା ପାଇଁ ମଧ୍ୟ ସେମାନେ ପଛଘୁଂଚା ଦେଇନଥିଲେ । ହଜରତ ଇସା ଅ.ସଙ୍କୁ କୌଣସି ଜଟିଳ କାର୍ଯ୍ୟ ସମ୍ପାଦନ କରିବାର ନଥିଲା ଓ ନା କୌଣସି ବଡ଼ ଧରଣର ଐଶ୍ୱୀବାଣୀ ଦିଆଯାଇଥିଲା । ହାତ ଗଣତିର କେତେକ ପରିଜନଙ୍କୁ ବୁଝାଇବା କୋଉ ବଡ଼ କଥା । ୟହୁଦିମାନେ ତ ତୌରାତ ଅଧ୍ୟୟନ କରିଥିଲେ, ଅଲ୍ଲାଃଙ୍କୁ ଏକ ଓ ଅଦ୍ୱିତୀୟ ଜାଣିଥିଲେ ତେଣୁ ସେମାନେ ବିଶ୍ୱାସ ଆଣିବା ପାଇଁ ପ୍ରସ୍ତୁତ ଥିଲେ । କେତେକ ସମୟରେ ଏହି ଭାବନା ମନରେ ଉଙ୍କିମାରିଥାଏ କି ତେବେ ମସିହ ଅ.ସ କେଉଁ କାର୍ଯ୍ୟ ନିମନ୍ତେ ଆସିଥିଲେ । ବର୍ତମାନ ମଧ୍ୟ ୟହୁଦିମାନଙ୍କ ମଧ୍ୟରେ ଏକେଶ୍ୱରବାଦ ପାଇଁ ଉତେଜନା ରହିଛି । ହଁ କୁହାଯାଇପାରେ କି କିଛି ଚାରିତ୍ରିକ ଦୋଷତ୍ରୁଟି ଉତ୍ପର୍ଣ୍ଣ ହୋଇଯାଇଥିଲା କିନ୍ତୁ ଶିକ୍ଷା ତ ତୌରାତରେ ରହିଥିଲା । ଗୋଷ୍ଠୀ ସମୁହ ଉକ୍ତ ଧର୍ମ ପୁସ୍ତକକୁ ସ୍ୱୀକାର କରୁଥିବାର, ସୁବିଧା ପାଇବା ସତ୍ୱେ ପୁଣି ମସିହ ଅ.ସ ତ ଉକ୍ତ ପୁସ୍ତକର ପ୍ରତ୍ୟେକ ନିତୀଶିକ୍ଷା ଗୋଟିଗୋଟି କରି ଜଣେ ଶିକ୍ଷକଙ୍କ ଠାରୁ ଅଧ୍ୟୟନ କରିଥିଲେ । ତାଙ୍କ ମୁକାବିଲାରେ ଆମ ଶ୍ରେଷ୍ଠ ମାର୍ଗଦର୍ଶକ ନବୀ ଶିରୋମଣୀ ସ.ଅ ତ ସମ୍ପୂର୍ଣ୍ଣ ରୂପେ ଅପାଠୁଆ ଥିଲେ । ତାଙ୍କର ଜଣେ ହେଲେ ଶିକ୍ଷକ ନଥିଲେ ଏବଂ ଏହା ଏକ ଏପରି ଘଟଣା ଯାହା ଉପରେ ବିରୋଧି ମଧ୍ୟ ତାହାର ଅମାନ୍ୟ କରିପାରି ନଥାଏ । ଅତଏବ ହଜରତ ଇସା ଅ.ସଙ୍କ ପାଇଁ ଦୁଇ ଗୋଟି ସୁବିଧା ପ୍ରାପ୍ତ ଥିଲା । **ଗୋଟିଏ** ତାଙ୍କର ନିଜ ପରିଜନଙ୍କ ନିକଟରେ ବାର୍ତା ପହଂଚାଇବା ଦାୟିତ୍ୱ ନ୍ୟସ୍ତ ଥିଲା ଏବଂ ଯେଉଁ କଷ୍ଟସାଧ୍ୟ କଥା ବୁଝାଇବାର ଥିଲା ତାହା ସେମାନେ ପୂର୍ବରୁ ସ୍ୱୀକାର କରିନେଇଥିଲେ । ହଁ କିଛି ଚାରିତ୍ରିକ ଦୁର୍ବଳତା ଥିଲା କିନ୍ତୁ ସୁବିଧା ହାସଲ ଥିବା ସତ୍ୱେ ହଓ୍ୱାରୀ (ଅନୁଗାମୀ) ଚରିତ୍ରବାନ ହୋଇପାରି ନଥିଲେ ବରଂ ଲୋଭି ହିଁ ରହିଗଲେ । ହଜରତ ଇସା ନିଜ ନିକଟରେ ଅର୍ଥ ରଖିଥିଲେ । ଅନୁଗାମୀମାନଙ୍କ ମଧ୍ୟରୁ କେତେକ ଚୋରୀ କରୁଥିଲେ, କେହି କହୁଥିଲେ ମୋତେ ନିଜ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । ଯେତେବେଳେ କି ନିଜର ଘର ଓ ପକା ବାସ ରହିଥିବ ଏବଂ ଏଭଳି ପରିମାଣରେ ଅର୍ଥ ରହିଥିବ କି ଯଦି ଚୋରୀ କରାଯାଏ ତେବେ ଜଣା ପଡ଼ିବ ନାହିଁ ତେବେ ଆମେ ଆଶ୍ଚର୍ଯ୍ୟାନିତ କି ଏହାର ଅର୍ଥ କଣ । ସେ ଜାହା ହେଉ ଏହା ଏକ ଆପତି ଜନକ ବିଷୟ । ଦେଖିବାର ଅଛି କି ଏହା ସ୍ୱୀକୃତି ଲାଭ କରୁଅଛି ନା ସମସ୍ତ ପ୍ରକାରର ସୁବିଧା ପାଇବା ସତ୍ୱେ କୌଣସି ସୁଧାର ହୋଇନପାରେ । ପିତରସକୁ ବୈକୁଣ୍ଠର ଚାବିକାଠି ତ ମିଳିଯାଏ କିନ୍ତୁ ନିଜ ଶିକ୍ଷକକୁ ଅଭିଶାପ ଦେବରୁ ନିବୃତ ରହିନଥାଏ ।

ବର୍ତମାନ ମୁକାବିଲା ନିମନ୍ତେ ନ୍ୟାୟବନ୍ତ ଦୃଷ୍ଟିରେ ଦେଖିବା କଥା କି ଆମ ଶ୍ରେଷ୍ଠ ମାର୍ଗଦର୍ଶକ ନବୀ ଶିରୋମଣୀ ସ.ଅଙ୍କ ସାହାବା ନିଜ ପ୍ରଭୁ ଓ ଅବତାରଙ୍କ ପାଇଁ କେଉଁ କେଉଁ ଜୀବନ ଉତ୍ସର୍ଗକାରୀ ବଳୀଦାନ କରିଥିଲେ, ଦେଶରୁ ବହିଷ୍କୃତ କରାଗଲେ, ଅତ୍ୟାଚାରିତ ଓ କିସମ କିସମର ଯନ୍ତ୍ରଣା ସହ୍ୟ କଲେ, ପ୍ରାଣ ଉତ୍ସର୍ଗ କରିଦେଲେ କିନ୍ତୁ ନିଷ୍ଠା ଓ ସତ୍ୟବାଦୀ ପଥରେ ଦୃଢତାର ସହ ଅଟଳ ରହିଲେ ତେବେ ତାହା କେଉଁ କାରଣରୁ ଥିଲା ଯାହାକି ସେମାନଙ୍କୁ ନିଜ ଜୀବନ ଉତ୍ସର୍ଗକାରୀ କରିଦେଇଥିଲା, ତାହା ଈଶ୍ୱରଙ୍କ ବାସ୍ତବିକ ପ୍ରେମର ଉତେଜନା ଥିଲା, ଯାହାର କିରଣ ସେମାନଙ୍କ ହୃଦୟରେ ପଡ଼ି ସାରିଥିଲା । ତେଣୁ ଯେକୌଣସି ନବୀଙ୍କ ସହ ମୁକାବିଲା କରିନିଅ ହଜୁର ସ.ଅଙ୍କ ଶିକ୍ଷା, ଅନ୍ତଃ ପବିତ୍ରତା, ନିଜ ଅନୁଗାମୀମାନଙ୍କୁ ସାଂସାରିକ ମୋହମାୟା ଠାରୁ ଭ୍ରମିତ କରିଦେବା, ବିରତ୍ୱର ସହ ସତ୍ୟ ପାଇଁ ନିଜ ରକ୍ତ ବୁହାଇବା ନିମନ୍ତେ ପ୍ରସ୍ତୁତ ହୋଇଯିବା, ଏପରି ଉଦାହରଣ ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ । ଅତଏବ ଏହି ସ୍ତର ହଜରତ ମହମ୍ମଦ ସ.ଅଙ୍କ ସାହାବାଙ୍କର ଥିଲା, ପରସ୍ପର ମଧ୍ୟରେ ସେମାନଙ୍କର ଏଭଳି ସ୍ନେହ ଓ ଭଲପାଇବା ଥିଲା ତାହାର ନକ୍ସା ଦୁଇଟି ବାକ୍ୟରେ ଏପରି ବର୍ଣ୍ଣିତ ରହିଛି **ଓ୍ୱଅଲ୍ଲଫା ବୈନା କୁଲୁବିହିମ୍ ଲୌଅନ୍‌ଫକ୍‌ତା ମାଫିଲ୍ ଅରେଜ ଜମିୟଅମ୍‌ମା ଅଲ୍ଲଫ୍‌ତା ବୈନା କୁଲୁବିହିମ୍ ଓ୍ୱଲାକିନ୍ନା ଅଲ୍ଲଫା ବୈନହୁମ୍** (ଅଲ ଅନ୍‌ଫାଲ-୬୪) ଅର୍ଥାତ ସେମାନଙ୍କ ମଧ୍ୟରେ ଯେଉଁ ନିବିଡ଼ ସମ୍ପର୍କ ରହିଛି ତାହା କଦାପି ସମ୍ଭବ ନଥିଲା ଯଦି ସେଥିପାଇଁ ସୁନାର ପର୍ବତ ଦାନ ଲରିଦିଆଯାଇଥାନ୍ତା । ଆଉ ଏକ ଜମାଅତ ହଜରତ ମସିହ ମଉଦ ଅ.ସଙ୍କର ରହିଛି ଯେ ନିଜ ଭିତରେ ସାହାବାଙ୍କ ପରି ରଙ୍ଗ ଉତ୍ପର୍ଣ୍ଣ କରିବାକୁ ଚାହୁଁଛନ୍ତି । ସାହାବା ର.ଅଙ୍କର ତ ଏପରି ପବିତ୍ର ଜମାଅତ ଥିଲା ଯାହାର ପ୍ରଶଂସା ଗାନରେ କୁରଆନ ଭରି ରହିଛି । କଣ ଆପଣମାନେ ସେହିପରି ଅଟନ୍ତି ? ଯେତେବେଳେ ଅଲ୍ଲାଃ କହିଥାନ୍ତି କି ମସିହ ଅ.ସଙ୍କ ସାଥିରେ ଏପରି ଲୋକେ ମିଳିତ ହେବେ ଯେ ସାହାବାଙ୍କ ସମତୁଲ୍ୟ ହୋଇଥିବେ । ସାହାବା ତ ଏପରି ଥିଲେ ଯେ ନିଜ ଧନ, ନିଜ ଜନ୍ମ ଭୂମି ଆଦିକୁ ମଧ୍ୟ ଅଲ୍ଲାଃଙ୍କ ଖାତିର ଛାଡ଼ି ଦେଇଥିଲେ । ହଜରତ ଅବୁବକର ର.ଅଙ୍କ ବଳିଦାନ କଥା ଶୁଣିଥିବେ । ଏକଦା ଯେତେବେଳେ ତାଙ୍କୁ ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ଦାନ କରିବାର ଅଦେଶ ହେଲା ସେତେବେଳେ ସେ ଘରର ସମସ୍ତ ଅସବାବ ଆଣି ହଜୁର ସ.ଅଙ୍କ ପାଦ ତଳେ ରଖିଦେଇଥିଲେ । ଯେତେବେଳେ ହଜୁର ସ.ଅ ତାଙ୍କୁ ପ୍ରଶ୍ନ କଲେ କି ଘରେ କଣ ଛାଡ଼ି ଆସିଛ ? ସେ ଉତର ଦେଇଥିଲେ ଅଲ୍ଲାଃ ଓ ରସୁଲଙ୍କୁ ଘରେ ଛାଡ଼ିଆସିଛି । ମକ୍କାର ମର୍ଯ୍ୟାଦା ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ହେଉ ଅବା ଚିରାଫଟା କମ୍ବଳ ଘୋଡ଼ିଥିବା ସାଧାରଣ ବ୍ୟକ୍ତି, ଏହା ଜାଣିରଖ କି ସେମାନେ ଅଲ୍ଲାଃଙ୍କ ମାର୍ଗରେ ଶହିଦ୍ ହୋଇଗଲେ । ସେମାନଙ୍କ ସମ୍ବନ୍ଧରେ ତ ଏହା ହିଁ ଉଲ୍ଲେଖ ରହିଛି କି (ସେମାନଙ୍କ ପାଇଁ) ଖଣ୍ଡା ତଳେ ବୈକୁଣ୍ଠ ପ୍ରାପ୍ତି କରିନେଲେ । କିନ୍ତୁ ଆମମାନଙ୍କ ପାଇଁ ତ ଏଭଳି କଠିନତା ବରଦାସ୍ତ କରିବାର ନାହିଁ କାରଣ ଆମମାନଙ୍କ ପାଇଁ ୟୁଜିଅଲ୍ ହରବ୍ ଆସିଛି ଅର୍ଥାତ ମେହଦିଙ୍କ ସମୟରେ (ଧର୍ମ)ଯୁଦ୍ଧ ନିସିଦ୍ଧ ହୋଇଯିବ ।

### ଜେହାଦର ସତ୍ୟାସତ୍ୟ

ଅଲ୍ଲାଃତାଲା କେତେକ କାରଣ ବଶତଃ ଏକ କାର୍ଯ୍ୟ କରିଥାନ୍ତି ଏବଂ ଭବିଷ୍ୟତରେ ଯଦି ସେଥିରେ ଆପତି ହୁଏ ତେବେ ସେ କାର୍ଯ୍ୟ କରିନଥାନ୍ତି । ପ୍ରଥମ ଆମ ନବୀ ଶିରୋମଣୀ କଦାପି ଖଣ୍ଡା (ଯୁଦ୍ଧ) ଉଠାଇବାକୁ ପସନ୍ଦ କରିନାହାନ୍ତି । କିନ୍ତୁ ତାହାଙ୍କୁ କଠିନରୁ କଠିନ ନିର୍ଯ୍ୟାତନା ବରଦାସ୍ତ କରିବାକୁ ପଡ଼ିଥିଲା । ୧୩ବର୍ଷର ସମୟ ଜଣେ ଛୁଆକୁ ସାବାଳକ କରିବା ନିମନ୍ତେ ଯଥେଷ୍ଟ ଏବଂ ହଜରତ ମସିହ ଅ.ସଙ୍କ ଅବଦ୍ଧି, ଯଦି ଉକ୍ତ ଅବଦ୍ଧିରୁ ୧୦ବର୍ଷ ବିୟୋଗ କରିଦିଆଯାଏ ତେବେ ସୁଧା ତାହା ଯଥେଷ୍ଟ । ତେଣୁ ଉକ୍ତ ଅନଦ୍ଧି ମଧ୍ୟରେ ଏଭଳି କୀଣସି ପ୍ରକାର ଓ ରକମର ଅତ୍ୟାଚାର ନଥିଲା ଯାହାକି ଯାହା ତାଙ୍କୁ ସହ୍ୟ କରିବାକୁ ପଡ଼ି ନଥିଲା । ଶେଷରେ ନିଜ ଦେଶରୁ ବାହାରି ଅନ୍ୟ ସ୍ଥାନରେ ସରଣ ନେଲେ ତେବେ ସୁଧା ଆପଣଙ୍କ ପିଛା ଛାଡ଼ିଲେ ନାହିଁ । ଏପରି ଅବସ୍ଥାରେ ଅତ୍ୟାଚାରିତମାନଙ୍କୁ ଅତ୍ୟାଚାରୀଙ୍କ ଠାରୁ ରକ୍ଷା ପାଇବା ନିମନ୍ତେ ଆଦେଶ ହେଲା । **ଉଜିନା ଲିଲ୍ଲଜିନା ୟୁକାତିଲୁନା ବିଅନ୍ନହୁମ୍ ଜୁଲିମୁ.....ରବୁନଲ୍ଲାଃ** (ସୁରେ ହଜ୍-୪୦,୪୧) ଅର୍ଥାତ ଯେଉଁମାନଙ୍କ ସହିତ ଅକାରଣେ ଯୁଦ୍ଧ କରାଯାଏ ଏବଂ ସେମାନଙ୍କୁ ସେମାନଙ୍କ (ଅତ୍ୟାଚାରିତ ରୂପେ) ଘରୁ ବହିସ୍କାର କରାଗଲା କେବଳ ଏଥିପାଇଁ କି ସେମାନେ କହିଲେ ଆମ ପାଳନକର୍ତ୍ତା ଅଲ୍ଲାଃ । ଅତଃ ଏହା ଜରୁରୀ ଥିଲା ସେମାନଙ୍କୁ (ଆତ୍ମ ରକ୍ଷା ନିମନ୍ତେ) ଯୁଦ୍ଧ କରିବାର ଅନୁମତି ଦିଆଯାଇଥାନ୍ତା । ନଚେତ୍ ସେମାନେ କଦାପି ଯୁଦ୍ଧ କରିବାକୁ ପ୍ରସ୍ତୁତ ନଥିଲେ । ହଁ ଆମର ଏହି ଯୁଗରେ କଲମ ଉଠାଇବା ଧାର୍ଯ୍ୟ ଥିଲା, କଲମ ଦ୍ୱାରା ଆମକୁ ନିର୍ଯ୍ୟାତନା ଦେବାକୁ ଚେଷ୍ଟା କରାଗଲା । ସୁତରାଂ ସେମାନଙ୍କ ମୁକାବିଲାରେ କଲମ ଆମର ଅସ୍ତ୍ର ଅଟେ ।

(ମଲଫୁଜାତ ଭାଗ-୧ ପୃ-୩୬,୩୮)


ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୭ ର ଅବଶିଷ୍ଟାଂଶ ......



ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

ମିଟିଙ୍ଗରେ ଯୋଗଦେବା ପାଇଁ ଆସୁଥିଲେ ଫେରିଯିବା ସମୟରେ ରାସ୍ତା ଭୁଲିଗଲେ । ସେଠିକାର ବହୁତ ବଡ଼ ଇଲାକା ସମ୍ପୂର୍ଣ୍ଣରୂପେ ମରୁଭୁମି ଇଲାକା ଥିଲା ଓ ବାଲିରେ ଚାଲିବାର ପାଦ ଚିହ୍ନକୁ ଦେଖି ଲୋକେମାନେ ରାସ୍ତା ପାଉଥିଲେ କିନ୍ତୁ ସେ ସଠିକ୍ ଚିହ୍ନକୁ ଚିହ୍ନିପାରିଲେ ନାହିଁ ରାସ୍ତା ଭୁଲିଗଲେ ଓ ସେ ସମୟରେ ତାଙ୍କର ପାଣି ମଧ୍ୟ ଶେଷ ହୋଇଗଲା ସିନ୍ଧ ଇଲାକାରେ ବହୁତ ଗରମ ପଡ଼ିଥାଏ । ଶୋଷ ଓ ଥକା ପଣ ଯୋଗୁଁ ସେ ବେହୋସ ହୋଇ ତଳେ ପଡ଼ିଗଲେ । ସେଠାରେ ପଡ଼ିଥିଲେ ଯେ, ଦୁଇଜଣ ଲୋକ ସେହି ବାଟଦେଇ ଓଟ ଉପରେ ବସି ଯାଉଥିବା ବେଳେ ସେମାନେ ଦେଖିବାକୁ ପାଇଲେ ଯେ କେହି ଜଣେ ବ୍ୟକ୍ତି ବାଲି ଉପରେ ପଡ଼ିଛି ଓ ଯେତବେଳେ ତାଙ୍କ ନିକଟକୁ ଆସିଲେ ଜାଣିବାକୁ ପାଇଲେ ଯେ ଏ ତ ହେଉଛନ୍ତି ଡ଼ାକ୍ତର ସାହେବ କାରଣ ନଗରପାର୍କରରେ ସେ ହୋମିଓପାଥିକ ଔଷଧ ଦିଅନ୍ତି ସେଥିଯୋଗୁଁ ଡ଼ାକ୍ତର ସାହେବ ନାମରେ ପ୍ରସିଦ୍ଧ ହୋଇଯାଇଥିଲେ ଓ ସେହି ଦୁଇଜଣ ବ୍ୟକ୍ତି ତାଙ୍କର ରୋଗୀ ଥିଲେ ସେମାନେ ତାଙ୍କୁ ଚିହ୍ନିନେଲେ, ପାଣି ପିଇବାକୁ ଦେଲେ ଓ ପୁଣି ନିଜ ଗ୍ରାମକୁ ନେଇଆସିଲେ ସେଠାରେ ରାତି ବିତାଇଲେ ତା ପର ଦିନ ତାଙ୍କୁ ନେଇ ସେଂଟରେ ଛାଡ଼ି ଆସିଲେ । ସେ ଲେଖୁଛନ୍ତି ଯେ ନିଜ ସନ୍ତାନମାନଙ୍କୁ ନମାଜ୍ ପାଠ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ନିୟମିତ ରୂପେ ତହ୍‌ଯୁଦ୍ ନମାଜ୍ ପାଠକରୁଥିଲେ । ଯେଉଁଦିନ ମୃତ୍ୟୁ ବରଣ କଲେ ସେଦିନ ମଧ୍ୟ ତହ୍‌ଯୁଦ୍ ପାଠ କରିଛନ୍ତି ଓ ମାଆଙ୍କୁ ମଧ୍ୟ ଉଠାଇଥିଲେ ସେ ବହୁତ ଉତମ ଚରିତ୍ର ସମ୍ପନ୍ନ ଓ ଲୋକମାନଙ୍କ ସହିତ ବହୁତ ପ୍ରେମ ଭାବ କରୁଥିଲେ । ଯଦି କେହି ତାଙ୍କ ସହିତ ଖରାପ ବ୍ୟବହାର କରେ ସେ ସର୍ବଦା ଧୈର୍ଯ୍ୟ ଧରୁଥିଲେ ଓ କେବେ ଉତର ଦେଉନଥିଲେ । ଲୋକମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବାରେ ମଧ୍ୟ ବହୁତ ପାରଙ୍ଗମ ଥିଲେ ଏବଂ ବହୁତ ପ୍ରସିଦ୍ଧ ଥିଲେ । ଲୋକମାନେ ତାଙ୍କ ଇମାନ୍‌ଦାରୀ ଯୋଗୁଁ ତାଙ୍କ ନିକଟରେ ଅମାନତ୍ ମଧ୍ୟ ରଖୁଥିଲେ । ସେ କହୁଛନ୍ତି କି କୁଟୁମ୍ବରେ ଯଦି କୌଣସି ମନମାଳିନ୍ୟତା ଦେଖାଦିଏ ତେବେ ସର୍ବଦା ସେ ମିଳାମିଶା କରାଇ ଦେଉଥିଲେ ।

ମରହୁମ୍ ମୁସି ମଧ୍ୟ ଥିଲେ, ତାଙ୍କ ଅନ୍ତେ ସେ ତାଙ୍କ ସ୍ତ୍ରୀଙ୍କ ବ୍ୟତିତ ତିନିଜଣ ପୁଅ ଓ ତିନିଜଣ ଝିଅ ସ୍ମୃତି ଚିହ୍ନ ଛାଡ଼ି ଯାଇଛନ୍ତି । ତାଙ୍କର ଜଣେ ପୁତ୍ର ମୁବାରକ୍ ଅହେମଦ୍ ମୁନିବ୍ ସାହେବ ବୁର୍କିନାଫାସରେ ମୁରବୀ ସିଲ୍‌ସିଲାରୂପେ ଖିଦ୍‌ମତ୍ କରିବାର ସୌଭଗ୍ୟ ପାଉଛନ୍ତି ଓ ସେଥିଯୋଗୁଁ ସେ ତାଙ୍କ ବାପାଙ୍କ ଦେହାନ୍ତରେ ପାକିସ୍ତାନ ମଧ୍ୟ ଆସିପାରିଲେ ନାହିଁ । ଅଲ୍ଲାଃ ତାଲା ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ । କ୍ଷମା ଓ ଦୟା ଆଚରଣ କରନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ସେହି ମନୋଭାବ ଓ ବଳିଦାନ ଦ୍ୱାରା ଦିନ୍ ଖିଦ୍‌ମତ୍ କରିବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଚତୁର୍ଥ ଯନାଜାଃ ଗାଏବ୍ ମୁକ୍‌ରମ୍ ମୋଶେହ୍ ଯୁମା ସାହେବଙ୍କର ସେ ତାଞ୍ଜାନିଆ ଦେଶର ଥିଲେ ୧୩ ମାର୍ଚ୍ଚ ଦିନ ତାଙ୍କର ଦେହାନ୍ତ ହେଲା *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ୧୯୩୩-୩୪ ରେ ତଞ୍ଜାନିଆର ରିଜିୟନ୍ ମୁରୁଗୁର୍‌ଠାରେ ତାଙ୍କର ଜନ୍ମ ହୋଇଥିଲା । ୧୯୬୭ ମସିହାରେ ସେ ଯମାତ୍ ଅହେମଦୀୟତାରେ ସାମିଲ ହୋଇଥିଲେ । ଯମାତ୍‌ରେ ସାମିଲ ହେବାର ଘଟଣାଟି ହେଉଛି ଏପରି କି, ସୁନି ଓଲେମାମାନଙ୍କ ମଧ୍ୟରେ ସେଠାରେ ଏ ପ୍ରଥା ଥିଲା ଯେ, ମୃତ ବ୍ୟକ୍ତିର ଖତମ୍ ଦେବା ଏବଂ ମୃତ ପିଲାଙ୍କର ଅକିକା ଗୋଟିଏ ସ୍ଥାନରେ ହେଉଥିବା ଯୋଗୁଁ ତାଙ୍କର ସହମତି ନଥିଲା ଯେ, ଏହା କିପରି ଖତମ୍ ଏବଂ ମୃତପିଲାର ଏହା କିପ୍ରକାରର ଅକିକା । ଏ ସମ୍ବନ୍ଧରେ ସେ କହୁଛନ୍ତି ଯେହେତୁ କିଛି ସୁନି ଓଲେମା ସେହି ପିଲାର ଅକିକା କରିବାକୁ ଚାହୁଁଥିଲେ ଯେଉଁ ପିଲାଟି ଶିଘ୍ର ମରିଯାଇଥିବ ନା କି ଏପରି ପିଲା ଯିଏ ଜୀବିତ ଥିବ ଅର୍ଥାତ୍ ଖତମ୍ ଦେଇ ଏବଂ ଅକିକା କରି ବାରମ୍ବାର ଖାଇବା ପାଇଁ ସାମାନ୍ ସୃଷ୍ଟି ହୋଇପାରିବ । ସେ ଇସ୍‌ଲାମିୟ ଶିକ୍ଷାରେ ତ ଏଭଳି କୌଣସି ତାଲିମ୍ ଦେଖିନଥିଲେ ଯାହା ଉପରେ ମୌଲବୀମାନଙ୍କର କାର୍ଯ୍ୟ ହେଉଥିଲା । ସୁତରାଂ ଏ କଥାରେ ତାଙ୍କୁ ବହୁତ ଦୁଃଖ ଲାଗିଲା ଓ ମୁସଲମାନମାନଙ୍କର ଏପରି ଅଭାବନୀୟ ଅବସ୍ଥାକୁ ଦେଖି ସେ ବହୁତ ଦୁଃଖ ଅନୁଭବ କରୁଥିଲେ । ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଯେ, ହେ ଅଲ୍ଲାଃ ! ତୁମେ ହଜ୍‌ରତ୍ ଇସା ଆ:ସଙ୍କୁ ଅବତୀର୍ଣ୍ଣ କରାଅ ଯଦ୍ୱାରା ସେ ଆସି ଇସ୍‌ଲାମକୁ ପୂନର୍ବାର ଜୀବଦାନ କରିବେ । ଏଥିରେ ମେଶିନାରୀ ଇନ୍‌ଚାର୍ଜ ସାହେବ ଲେଖୁଛନ୍ତି କି, ଅର୍ଥାତ୍ ତାଙ୍କ ନିଜ ବୟାନ ମୁତାବକ ଯେବେ ତାଙ୍କର ସାକ୍ଷାତକାର ଯମିଲୁର୍ ରହ୍‌ମାନ୍ ରଫିକ୍ ସାହେବଙ୍କ ସହିତ ହେଲା ଯିଏ ସେ ସମୟରେ ସେଠାରେ ମୁବ୍‌ଲିଗ୍ ଥିଲେ ଓ ଆଜିକାଲି ପାକିସ୍ତାନରେ ଓ୍ୱକିଲୁଲ୍ ତସ୍‌ନିଫ ଅଛନ୍ତି, ତେବେ ସେ ତାଙ୍କୁ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ହଦିସ୍ ଅଛି ଯେ, ଯେଉଁ ବ୍ୟକ୍ତି ନିଜ ସମୟର ଇମାମ୍‌କୁ ଚିହ୍ନିଲେ ନାହିଁ ସେ ଜାହିଲିୟତ୍‌ର ମରଣ ମରିଲା । ଏଥିରେ ସେ କହୁଛନ୍ତି ସେ ଭାବିଲେ ଯେ ମୁଁ ଯୁଗର ଇମାମ୍‌କୁ ମାନି ନାହିଁ ସେଥିପାଇଁ ହକିକ୍ (ଅର୍ଥାତ୍ ପ୍ରକୃତ) ମସୁଲମାନ ନୁହେଁ । ତତ୍‌କ୍ଷଣାତ୍ ଖୟାଲ ଆସିଲା ଏବଂ ପୁଣି କାଳ ବିଳମ୍ବ ନ କରି ସେ ତତ୍‌କ୍ଷଣାତ୍ ବୟତ କରିନେଲେ । ବୟତ କରିବା ପରେ ନିଜ ଗ୍ରାମକୁ ଗଲେ । ନିଜ ଭଉଣୀଭାଇମାନଙ୍କୁ ତବ୍‌ଲିଗ୍ କଲେ, କୁଟୁମ୍ବର ଲୋକମାନଙ୍କୁ ତବ୍‌ଲିଗ୍ କଲେ, ସାଙ୍ଗସାଥିମାନଙ୍କୁ ତବ୍‌ଲିଗ୍ କଲେ ଓ ସମସ୍ତଙ୍କୁ ଏକାଠୀ କରି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବାର୍ତ୍ତା ପହଂଚାଇଲେ । ଏହି ବର୍ଷ ମଧ୍ୟରେ ତାଙ୍କ ଭାଇ ଇଦୀ ସଲ୍‌ମାନ ସାହେବ ଏବଂ ମୁହମ୍ମଦ ଯୁମା ସାହେବ ଯିଏ ମୃତ୍ୟୁ ବରଣ କରିସାରିଛନ୍ତି ଏବଂ ଯୁମା ସାହେବଙ୍କ ସ୍ତ୍ରୀ ତତ୍‌କ୍ଷଣାତ୍ ତାଙ୍କ ତବ୍‌ଲିଗ୍‌ରେ ପ୍ରଭାବିତ ହୋଇ ଯମାତ୍‌ରେ ସାମିଲ ହୋଇଗଲେ । ମରହୁମ୍‌ଙ୍କୁ ଭିଷଣ ମୁଖାଲିଫତ୍ (ଅର୍ଥାତ୍ ବିରୋଧ)ର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥିଲା କିନ୍ତୁ ଧିରେ ଧିରେ ଲୋକମାନେ ଯମାତ୍‌ରେ ସାମିଲ ହୋଇଚାଲିଲେ ଓ ତାଙ୍କ ଗ୍ରାମ ମକ୍‌ୟୁନି ସହିତ ଆଖପାଖରେ ଥିବା ଦେହାତି ଇଲାକାରେ ଯମାତ୍ ସ୍ଥାପନ ହୋଇଗଲା । ମିଶ୍‌ନାରୀ ଇନ୍‌ଚାର୍ଜ ସାହେବ ଲେଖୁଛନ୍ତି ଯେ ବର୍ତମାନ ମକ୍‌ୟୁନି ଯମାତ୍ ମୋରଗୋର ରିଜିଅନ୍‌ର ଗୋଟିଏ ଦୃଷ୍ଟାନ୍ତମୁଳକ ଯମାତ୍ ଅଟେ ଓ ସେହି ଯମାତ୍ ତାଙ୍କର ପରିଶ୍ରମ ଦ୍ୱାରା ପ୍ରତିଷ୍ଠିତ ହୋଇଛି ।

ଯମାତ୍‌ରେ ସାମିଲ୍ ହେବା ପରେ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ପ୍ରତ୍ୟେକ କାର୍ଯ୍ୟରୁ ଏ କଥା ପରିପ୍ରକାଶ ହେଉଥିଲା ଯେ, ସେ ଖିଲାଫତ୍‌ର ଅତ୍ୟନ୍ତ ପ୍ରେମୀ ଥିଲେ ଓ ସେ ମୁବ୍‌ଲିଗ୍ ମାନଙ୍କୁ ଓ ଯମାତ୍‌ର ଓ୍ୱହଦାଦାମାନଙ୍କର ବହୁତ ସମ୍ମାନ କରୁଥିଲେ । ଯମାତ୍ ନିଜାମ୍‌ର କଥାମାନି ଚଳୁଥିଲେ । ତବ୍‌ଲିଗ୍ କରିବା ପାଇଁ ବହୁତ ସୌକ ଥିଲା ତେଣୁ ସର୍ବଦା ତବ୍‌ଲିଗ୍ କାର୍ଯ୍ୟରେ ଲାଗି ରହୁଥିଲେ । କୌଣସି ଅବସରକୁ ହାତଛଡ଼ା କରୁନଥିଲେ । ଚାନ୍ଦା ପ୍ରଦାନ କରିବା ଲୋକମାନଙ୍କ ମଧ୍ୟରେ ସେ ପ୍ରଥମ ଧାଡ଼ିରେ ଗଣା ଯାଉଥିଲେ ବରଂ ସର୍ବଦା ଏ ଚିନ୍ତାରେ ରହୁଥିଲେ ଯେ ଯାହା କିଛି ଆମଦାନୀ ହେବ ସେଥିରୁ ଚାନ୍ଦା ଦେବି ଓ ଏ କଥା କହୁଥିଲେ ଯେ ଏହି ଅସ୍ଥାୟୀ ସଂସାରରେ କୌଣସି ହଇସିୟତ ନାହିଁ । ସେ ମୁସି ମଧ୍ୟ ଥିଲେ ଲୋକମାନଙ୍କୁ ଏହି ବାବରକତ୍ ନିଜାମ୍‌ରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରୁଥିଲେ । ନମାଜ୍ କାୟମ କରିବାରେ ମଧ୍ୟ ସେ ଏକ ଉଦାହରଣ ଥିଲେ । ପାଂଚବେଳା ନମାଜ ନିୟମିତ ପାଠ କରୁଥିଲେ ନିଜ ପିଲାମାନଙ୍କୁ ନାତିନାତୁଣୀମାନଙ୍କୁ ମଧ୍ୟ ନମାଜ୍ ନିୟମିତ ପାଠ କରିବାପାଇଁ ଉପଦେଶ ଦେଉଥିଲେ । ତହ୍‌ଯୁଦ୍ ନମାଜ୍ ଅତ୍ୟନ୍ତ ସଉକ୍‌ର ସହିତ ପାଠ କରୁଥିଲେ । ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୁଆଗୁଡ଼ିକ ବହୁତ ମନେ ଥିଲା । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକ ପଢ଼ିବା ମଧ୍ୟ ବହୁତ ସଉକ ଥିଲା । ତାଙ୍କ ପୁତ୍ର ଶମଉନ୍ ଯୁମା ସାହେବ ଯିଏ ଜାମିୟା ଅହେମଦିୟ ତାଞ୍ଜାନିଆରେ ଶିକ୍ଷକ ଅଛନ୍ତି, ସେ କହୁଛନ୍ତି ଯେ, ୧୯୮୭ ମସିହାରୁ ୧୯୯୦ ମସିହା ମଧ୍ୟରେ ଆମେ ତିନିଜଣ ଭାଇ ଜାମିୟା ତଞ୍ଜାନିଆରେ ପଢୁଥିଲୁ । (ମୁବ୍‌ଶିର କୋର୍ସ ସେଠାରେ ପଢ଼ାଯାଉଛି) ଓ ମୋର ମନେ ପଡୁଛି ଯେ ଥରେ ଛୁଟି ସମୟରେ ଆମେ ଭାଇମାନେ ଆପୋଷରେ ଏ ପରାମର୍ଶ କଲୁ ଯେ ଆମ ମାନଙ୍କ ମଧ୍ୟରୁ ଜଣେ ଭାଇ ଜାମିଆର ପାଠପଢ଼ା ଛାଡ଼ି ଘରକୁ ଚାଲିଯାଉ ଓ ମାଆ ବାପାଙ୍କର ନିତିଦିନିଆ କାମରେ ସହଯୋଗ କରୁ । ଆମେ ଏ କଥା ନିଜ ବାପାଙ୍କୁ କହିଲୁ ଏଥିରେ ସେ ଏ କଥାକୁ ବହୁତ ଖରାପ ଭାବିଲେ । ତାଙ୍କ ପୁତ୍ର ଶମଉନ୍ ଯୁମା ସାହେବ ଲେଖୁଛନ୍ତି ଯେ, ମୁଁ ସେହିଦିନକୁ ଭୁଲିନାହିଁ କି, ଆମ ବାପା ବହୁତ ରାଗି ଯାଇଥିଲେ ଓ ସେ ଆମକୁ ବୁଝାଇଲେ ଯେ ଅଲ୍ଲାଃଙ୍କ ଉପରେ ଭରସା ରଖ ଏବଂ ଜାମିଆର ପାଠପଢ଼ା ଜାରି ରଖ ଓ ପାଠପଢ଼ାକୁ ବିଲ୍‌କୁଲ୍ ଛାଡ଼ିବ ନାହିଁ । ସେ ନିଜର ତିନିଜଣ ପୁତ୍ରଙ୍କ ମଧ୍ୟରେ ଯମାତ୍‌ର ଖିଦ୍‌ମତ୍ କରିବାର ଏକ ଆତ୍ମା ଫୁଙ୍କିଦେଲେ ।

ଅଲ୍ଲାଃ ତାଲା ତାଙ୍କ ସହିତ କରୁଣା ଓ କ୍ଷମା ଆଚରଣ କରନ୍ତୁ ତାଙ୍କ ପଦମର୍ଯ୍ୟାଦାକୁ ବଢ଼ାନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ସଚ୍ଚା, ଧର୍ମସେବକ ଓ ଇସ୍‌ଲାମ୍‌ର ଖାଦିମ୍ ବନାନ୍ତୁ । ଯେପରି କି ମୁଁ କହିସାରିଛି ଯେ, ଯୁମା ନମାଜ୍‌ପରେ ମୁଁ ସେ ସମସ୍ତଙ୍କର ନମାଜ୍ ଯନାଜାଃ ପଢ଼ାଇବି । ଗୋଟିଏ ଉପସ୍ଥିତ ଯନାଜାଃ ମଲକ୍ ଅକ୍‌ରମ୍ ସାହେବଙ୍କର ଅଛି ତାହା ମୁଁ ବାହାରକୁ ଯାଇ ପଢ଼ାଇବି ଏବଂ ଲୋକମାନେ ଏଠି ମସ୍‌ଜିଦ୍ ଭିତରେ ରହି ନମାଜ୍‌ରେ ସାମିଲ୍ ହୁଅନ୍ତୁ ।

⌘⌘⌘⌘⌘⌘⌘⌘⌘⌘

**ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ ଚାହୁଁଥିବା ଲୋକେ ଧ୍ୟାନ ଦିଅନ୍ତୁ ।**

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀକୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟର୍‌ଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ୍ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ) (ନାଜର୍ ଦିଓ୍ୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ
ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍
ମୋ:- ୦୯୮୧୫୪୩୩୭୬୦, ଅଫିସ୍:- ୦୧୮୭୨-୫୦୧୧୩୦
ଇ-ମେଲ୍:- nazaratdiwanqdn@gmail.com

**୧୨୫ତମ ବାର୍ଷିକ ଧର୍ମ ସମ୍ମିଳନୀ କାଦିୟାନ**

*ସୟଦନା ହଜରତ ଅମିରୁଲ୍ ମୁମିନିନ୍ ଖଲିଫାତୁଲ୍ ମସିହ ୫ମ ୧୨୫ତମ ବାର୍ଷିକ ଧର୍ମ ସମ୍ମିଳନୀ କାଦିୟାନ ନିମନ୍ତେ ୨୭,୨୮ ଓ ୨୯ ଡ଼ିସେମ୍ବର ୨୦୧୯ (ଶୁକ୍ର, ଶନି ଓ ରବିବାର) ତାରିଖରେ ଅନୁଷ୍ଠିତ ହେବାର ଅନୁମତି ପ୍ରଦାନ କରିଛନ୍ତି । ଜମାଅତର ସଦସ୍ୟବୃନ୍ଦ ବର୍ତମାନ ଠାରୁ ଦୁଆ ମାଧ୍ୟମରେ ଏହି ପବିତ୍ର ଧର୍ମ ସମ୍ମିଳନୀରେ ସାମିଲ ହେବାର ମନସ୍ଥ କରି ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଐଶ୍ୱରିୟ ଧର୍ମ ସମ୍ମିଳନୀରୁ ଉପକୃତ ହେବାର ଶକ୍ତି ପ୍ରଦାନ କରନ୍ତୁ । ଜଲସା ପ୍ରତ୍ୟେକ ଦୃଷ୍ଟି କୋଣରୁ ସଫଳ ହେବା ଓ ଏହା ପବିତ୍ର ଆତ୍ମାମାନଙ୍କୁ ସତ୍‌ପଥ ପ୍ରାପ୍ତିର କାରଣ ସାବ୍ୟସ୍ତ ହେବା ନିମନ୍ତେ ଦୁଆ ଅବ୍ୟାହତ ରଖନ୍ତୁ । (ନାଜିର ଇସଲାହ ଇରଶାଦ୍ କାଦିୟାନ)*

# : ଖୁତ୍‌ବା ଜୁମା :

**ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୁଁ ମଧ ଶୋଇଥାଏ ଓ ନମାଜ ମଧ ପଢ଼େ, ରୋଜ ମଧ ରଖେ ଓ କେବେକବେ ମଧ ରଖେ ନାହିଁ ଏବଂ ମହିଳାମାନଙ୍କୁ ବିବାହ ମଧ କରିଥାଏ ।**

**ହେ ଉସ୍‌ମାନ୍ ! ତୁମେ ଅଲ୍ଲାଃଙ୍କୁ ଭୟ କର ତୁମ ଉପରେ ତୁମ ପତ୍ନୀଙ୍କର ମଧ ଅଧିକାର ଅଛି, ତୁମ ଅତିଥିମାନଙ୍କର ମଧ ଅଧିକାର ଅଛି ଏବଂ ତୁମ ନିଜ ଶରୀର ମଧ ତୁମ ଉପରେ ଅଧିକାର ଅଛି ।**

**ସୁତରାଂ କେବେ ରୋଜା ମଧ ରଖ ଓ କେବେ ମଧ ନ ରଖ, ନମାଜ ମଧ ପଢ଼ ଓ ରାତ୍ରୀରେ ନିଦ୍ରା ମଧ ଯାଅ ।**

**ଅବୁବକର ର:ଅ ଯଦି ନିଃସ୍ୱାର୍ଥପର ଥିଲେ ତେବେ ସେ ଏପରି ଲୋଭୀ ବ୍ୟକ୍ତିଙ୍କୁ କାହିଁକି ମାନିଲେ ଓ ଯଦି ସେ ବାସ୍ତବିକ ନିଃସ୍ୱାର୍ଥପର ଥିଲେ ତେବେ ପୁଣି ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ତାଙ୍କର ଆକା (ମୁନୀବ) ମଧ ନିଃସ୍ୱାର୍ଥପର ଥିଲେ । ଏହା ଏକ ବହୁତ ବଡ଼ ପ୍ରମାଣ ଯାହାକୁ ରଦ୍ଦ କରିବା ସହଜ ନୁହେଁ ।**

**ରୋଅବ ଏବଂ ଦବ୍‌ଦବା (ପ୍ରଭାବ) ତିନୋଟି ଜିନିଷ ଦ୍ୱାରା ହୋଇଥାଏ ଇମାନ୍ ଦ୍ୱାରା, ଜ୍ଞାନ ଦ୍ୱାର ଏବଂ ଅର୍ଥ ଦ୍ୱାରା ଅଲ୍ଲାଃ ତାଲା ଏହି ତିନୋଟି ଜିନିଷ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍‌ରେ ମଧ ସୃଷ୍ଟି କରିଦେଇଛନ୍ତି ।**

**ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ୍ ର:ଅ କହୁଛନ୍ତି ଯେ, ତାହା ଏପରି ସମୟ ଥିଲା ଯେତେବେଳେ ମୋ ହୃଦୟରେ ବିଶ୍ୱାସ ସୃଦୁଢ଼ ହୋଇଗଲା ଓ ମୋତେ ମୁହମ୍ମଦ ସ:ଆ:ସଙ୍କ ସହିତ ପ୍ରେମ ହୋଇଗଲା ।**

**(ମୁସଲ୍‌ମାନ) ଜଣେ ଅନ୍ୟ ଜଣଙ୍କ ରକ୍ତ ପିପାଶୁ ହୋଇଯାଇଛନ୍ତି ଏବଂ ସେହି କବାଟର ପଛକୁ ଆସିବାକୁ ଚାହୁଁନାହାନ୍ତି ଯାହାକୁ ଅଲ୍ଲାଃ ତାଲା ଏ ଯୁଗରେ ଉକ୍ତ କବାଟକୁ ବନ୍ଦ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ପ୍ରତିଷ୍ଠା କରିଛନ୍ତି ସେଥିପାଇଁ ଏହି ଫିତ୍‌ନା ଦିନକୁ ଦିନ ବଢ଼ି ଚାଲିଛି । ଅଲ୍ଲାଃ ତାଲା ଆମକୁ ମଧ ସୁରକ୍ଷିତ ରଖନ୍ତୁ ଯେ ଆମେ ଅହେମଦୀମାନେ ଉକ୍ତ ଢାଲ ପଛପଟେ ରହିବା ଯାହାକୁ ଅଲ୍ଲାଃ ତାଲା ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଆମକୁ ପ୍ରଦାନ କରିଛନ୍ତି ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲାଃ ସ:ଆ:ସଙ୍କ ବଦ୍‌ରୀ ସାହାବି ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜଉନ୍ ର:ଅଙ୍କ ଜୀବନ ଚରିତର ମନ ମୁଗ୍ଧକାରୀ ଚର୍ଚ୍ଚା ।**

**ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୯ ଏପ୍ରିଲ୍ ୨୦୧୯ ଅନୁଯାୟୀ ୧୯ ଶାହାଦତ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطَانِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ
اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ

ଆଜି ଯେଉଁ ବଦ୍‌ରୀ ସାହାବୀଙ୍କ ଚର୍ଚ୍ଚା ମୁଁ କରିବାକୁ ଯାଉଛି ତାଙ୍କ ନାମ ହେଉଛି ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ୍ ର:ଅ । ତାଙ୍କ କୁନିୟତ ଅବୁ ସାଏବ୍ ଥିଲା । ହଜ୍‌ରତ୍ ଉସ୍‌ମାନଙ୍କ ମା'ଙ୍କ ନାମ ସୁଖୈଲା ବିନ୍‌ତ୍ ଅମ୍ବସ୍ ଥିଲା । ହଜ୍‌ରତ୍ ଉସ୍‌ମତ ର:ଅ ଓ ତାଙ୍କ ଭାଇ ହଜ୍‌ରତ୍ କୁଦାମାଃଙ୍କ ଚେହେରା ଏକାପରି ଥିଲା । ତାଙ୍କର ସମ୍ବନ୍ଧ ମକ୍କାରେ ଥିବା କୁରୈଶ୍‌ର ଯମହ୍ ବଂଶ ସହିତ ଥିଲା ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୫,୩୦୬, ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବାର ଘଟଣା ଏପରି ମିଳିଥାଏ । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଯେ ଏକଦା ରସୁଲୁଲ୍ଲାଃ ସ:ଆ:ସ ମକ୍କାରେ ନିଜ ଘରେ ଥିଲେ ଯେ ସେହି ବାଟ ଦେଇ ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ୍ ର:ଅ ଗଲେ । ସେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖି ହସିଦେଲେ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ କହିଲେ: କ'ଣ ତୁମେ ବସିବ ନାହିଁ? ସେ କହିଲେ କାହିଁକି ନୁହେଁ । ସୁତରାଂ ସେ ଆପଣ ସ:ଆ:ସଙ୍କ ସମ୍ମୁଖରେ ଆସି ବସିପଡ଼ିଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ କଥା ହେଉଥିଲେ ଯେ ଅଚାନକ ରସୁଲୁଲ୍ଲାଃ ସ:ଆ:ସ କିଛି କ୍ଷଣ ପାଇଁ ଆକାଶକୁ ଚାହିଁ ରହିଲେ ତା'ପରେ ଧିରେ ଧିରେ ନିଜ ଆଖିକୁ ତଳକୁ କରି ଚାଲିଲେ ଏପରି ନିଜ ଭୁମିର ଡ଼ାହାଣ ପଟକୁ ଦେଖିବା ଆରମ୍ଭ କରିଦେଲେ ଓ ନିଜ ସହିତ ବସିଥିବା ଉସ୍‌ମାନଙ୍କଠାରୁ ମୁଁ ଫେରାଇ ଅନ୍ୟ ଆଡ଼କୁ ଧ୍ୟାନ ଆକର୍ଷଣ କଲେ ଏବଂ ନିଜ ମୁଣ୍ଡକୁ ନୁଆଁଇ ଦେଲେ । ସେ ସମୟରେ ଆଁ ହଜ୍‌ରତ୍ ସ:ଆ:ସ ନିଜ ମୁଣ୍ଡକୁ ପରି ହଲାଇଥିଲେ ଯେପରି କୌଣସି ଏକ କଥାକୁ ବୁଝୁଛନ୍ତି । ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ ନିକଟରେ ବସିଥିଲେ । ସେ ସବୁକଥା ଦେଖୁଥିଲେ । ଅଳ୍ପ ସମୟ ପରେ ରସୁଲୁଲ୍ଲାଃ ସ:ଆ:ସ ଯେବେ ସେହି କାର୍ଯ୍ୟରୁ ବିରତ ହେଲେ, ଯାହା କିଛି ଆପଣ ସ:ଆ:ସଙ୍କୁ କୁହାଯାଉଥିଲା ଅର୍ଥାତ୍ ଏପରି ଲାଗୁଥିଲା ଯେ କିଛି କଥା ଆପଣ ସ:ଆ:ସଙ୍କୁ କୁହାଯାଉଛି, ତାହା ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ୍‌ଙ୍କୁ ତ ଜଣା ନଥିଲା । କିନ୍ତୁ ତାହା ଯାହା ବି ହେଉ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯାହା କିଛି କୁହାଯାଉଥିଲା ତାହା ଆପଣ ସ:ଆ:ସ ବୁଝିନେଲେ । ପୁଣି ଆପଣ ସ:ଆ:ସଙ୍କ ଦୃଷ୍ଟି ଆକାଶ ଆଡ଼କୁ ଉଠିଲା ଯେଉଁ ଭଳି ପ୍ରଥମ ଥର ହୋଇଥିଲା । ଆପଣ ସ:ଆ:ସଙ୍କ ଆଖି କୌଣସି ଏକ ବସ୍ତୁର ଅନୁସରଣ କରୁଥିଲା ଓ ତାହା ଆକାଶରେ ଉଭେଇ ଗଲା । ତା'ପରେ ଆପଣ ସ:ଆ:ସ ପୂର୍ବଭଳି ଉସ୍‌ମାନ୍ ମଜ୍‌ଉନ୍‌ଙ୍କ ଆଡ଼କୁ ଧ୍ୟାନ ଆକର୍ଷଣ କଲେ । ଉସ୍‌ମାନ୍ ମଜ୍‌ଉନ୍ ର:ଅ କହିଲେ ଯେ ମୁଁ କି ଉଦ୍ଦେଶ୍ୟ ଖାତିର୍ ଆପଣ ସ:ଆ:ସଙ୍କ ନିକଟକୁ ଆସିବି ଓ ବସିବି ? ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ପ୍ରଶ୍ନ କଲେ ଯେ ଆଜି ଆପଣ ସ:ଆ:ସ ଯାହା କିଛି କରିଛନ୍ତି, ଆ ପୂର୍ବରୁ ମୁଁ ଆପଣ ସ:ଆ:ସଙ୍କୁ ଏପରି କରିବାର ଦେଖିନାହିଁ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ତୁମେ ମତେ କ'ଣ କରିବାର ଦେଖିଛ ? ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ କହିଲେ ଯେ ମୁଁ ଦେଖିଲି କି ଆପଣଙ୍କ ଦୃଷ୍ଟି ଆକାଶ ଆଡ଼କୁ ଉଠିଲା ପୁଣି ଆପଣ ଡ଼ାହାଣ ପଟକୁ ଚାହିଁ ରହିଲେ । ଆପଣ ମତେ ଛାଡ଼ିଦେଇ ଅନ୍ୟ ପଟକୁ ଧ୍ୟାନ ଆକର୍ଷଣ କଲେ । ଆପଣ ନିଜର ମୁଣ୍ଡକୁ ଏପରି ହଲାଇବାକୁ ଲାଗିଲେ ଯେପରି ଆପଣଙ୍କୁ କିଛି କଥା କୁହାଯାଉଥିଲା ଓ ତାହା ଆପଣ ବୁଝିବାକୁ ଚେଷ୍ଟା କରୁଥିଲେ । ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ କ'ଣ ବାସ୍ତବରେ ତୁମେ ଏପରି ଅନୁଭବ କରିଛ ? ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ କହିଲେ ହଁ । ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏବେ ମୋ ନିକଟକୁ ଅଲ୍ଲାଙ୍କ ଦୂତ ଆସିଥିଲେ, ବାର୍ତ୍ତା ନେଇ ଆସିଥିଲେ, ଯେବେ ତୁମେ ମୋ ନିକଟରେ ବସିଥିଲ । ଏଥିରେ ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ କହିଲେ ଅଲ୍ଲାଃଙ୍କ ଦୂତ ? ପ୍ରଶ୍ନ ପଚାରିଲେ । ଆପଣ ସ:ଆ:ସ କହିଲେ ଯେ ସେ ଏ କଥା କହିଲେ ଅର୍ଥାତ୍- ଦୂତ କହିଲେ ***ଇନ୍ନଲ୍ଲାହା ୟାମୁରୁ ବିଲ୍‌ଅଦ୍‌ଲେ ୱିଲ୍ ଇହ୍‌ସାନି ୱ ଇତାଇଜିଲ୍ କୁର୍‌ବା ୱ ୟନ୍‌ହା ଅନିଲ୍ ଫହ୍‌ଶାଇ ୱିଲ୍ ମୁନ୍‌କରି ୱିଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍ଲକୁମ୍ ତଜକ୍କରୁନ୍ ।*** ଅର୍ଥାତ୍: ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା (ଅନ୍ୟର) ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ (ଅନ୍ୟମାନଙ୍କୁ ସାହାଯ୍ୟ) କରିବାକୁ ଆଦେଶ ଦେଉଛନ୍ତି; ଏବଂ (ପ୍ରତ୍ୟେକ ପ୍ରକାର) ନିର୍ଲ୍ଲଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରୁଛନ୍ତି: ସେ ତୁମମାନଙ୍କୁ (ଏଥି ନିମନ୍ତେ) ଉପଦେଶ ଦେଇଛନ୍ତି ଯଦ୍ୱାରା ତୁମେମାନେ ବୁଝିପାରିବ ଏଥିରେ ହଜ୍‌ରତ୍ ଉସ୍‌ମାନ ବିନ୍ ମଜ୍‌ଉନ କହୁଛନ୍ତି ଯେ ଏହା ସେହି ସମୟ ଥିଲା ଯେବେ ମୋ ହୃଦୟ ଭିତରେ ଇମାନ୍ ନିଜର ସ୍ଥାନ ପକ୍କା କରି ନେଲା ଓ ମୁହମ୍ମଦ୍ ସ:ଆ:ସଙ୍କ ସହିତ ମୋର ପ୍ରେମ ହୋଇଗଲା ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୧, ପୃ-୮୦୭,...... ହଦିସ୍ ସଂଖ୍ୟା-୨୯୨୧, ଆଲିମୁଲ୍ କୁତୁବ୍ ବେରୁତ ୧୯୯୮)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ନବି ହେବାର ଘୋଷଣା କରିବା ପରେ ପ୍ରାରମ୍ଭିକ ସମୟ ସମ୍ବନ୍ଧରେ ବର୍ଣ୍ଣନା କରି କହୁଛନ୍ତି ଯେ ଅତି ନିକଟରେ ଅର୍ଥାତ୍ ସେ ସମୟର ପ୍ରାରମ୍ଭରେ ତଲ୍‌ହ ର:ଅ, ଜୁବୈର୍ ର:ଅ, ଉମର୍ ର:ଅ, ହମ୍‌ଜାଃ ର;ଅ ଏବଂ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ପରି ସାଥି ଆପଣ ସ:ଆ:ସଙ୍କୁ ମିଳିଗଲେ । ସେମନେ ସମସ୍ତେ ଆପଣ ସ:ଆ:ସଙ୍କ ଉପରେ ଉତ୍ସର୍ଗ ଥିଲେ । ପ୍ରତ୍ୟେକ ବ୍ୟକ୍ତି ଆପଣ ସ:ଆ:ସଙ୍କ ଝାଳ ବହୁଥିବା ସ୍ଥାନରେ ନିଜର ରକ୍ତ ବୁହାଇବାକୁ ପ୍ରସ୍ତୁତ ଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତେର ବର୍ଷ ପର୍ଯ୍ୟନ୍ତ ଦୁଃଖ ଓ ଦୁର୍ଦ୍ଦଶା ମଧ ଆସିଲା, ଅସୁବିଧାରେ ସମ୍ମୁଖିନ

ମଧ୍ୟ ହେଲେ, ଦୁଃଖ କଷ୍ଟ ଆପଣ ସ:ଆ:ସଙ୍କୁ ବରଦାସ୍ତ କରିବାକୁ ହେଲା କିନ୍ତୁ ଆପଣ ସ:ଆ:ସ ନିଶ୍ଚିତ ଥିଲେ ଯେ ସେହି ମକ୍କା ନିବାସୀଙ୍କ ମଧ୍ୟରୁ ବୁଦ୍ଧିଆ, ଜ୍ଞାନୀ, ବିବେକୀ, ପଦମର୍ଯ୍ୟାଦା ସମ୍ପର୍ନ୍ନ, ନିଷ୍ଠାପର ଓ ପବିତ୍ର ଲୋକମାନେ ମତେ ମାନି ଗ୍ରହଣ କରିସାରିଛନ୍ତି । ଏବେ ମୁସଲମାନମାନେ ଏକ ଶକ୍ତି ରୂପେ ବିବେଚନା କରାଯାଉଛନ୍ତି । ଯେତେବେଳେ କୌଣସି ବ୍ୟକ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ବନ୍ଧରେ ଏ କଥା କହେ ଯେ ନଉଜୁବିଲ୍ଲାଃ ସେ ପାଗଳ, ସେତେବେଳେ ସେହି ଲୋକର ଅନ୍ୟ ସାଥିମାନେ ତାକୁ କହୁଥିଲେ, ଯଦି ସେ ପାଗଳ ତେବେ ଅମୁକ ବ୍ୟକ୍ତି ଯିଏ ବହୁତ ବୁଦ୍ଧିଆ, ଜ୍ଞାନୀ ଓ ବିବେକୀ, ସେ କାହିଁକି ତାଙ୍କୁ ମାନିଛି । ଏହା ଗୋଟିଏ ଏପରି ଉତର ଥିଲା ଯାହା ବିପକ୍ଷରେ କାହାକୁ କହିବାକୁ ଶକ୍ତି ନଥିଲା ।

ୟୁରୋପିୟନ୍ ଲେଖକମାନେ ରସୁଲେ କରିମ୍ ସ:ଆ:ସଙ୍କ ଖିଲାପ୍ ନିଜର ସମସ୍ତ ଶକ୍ତି ଖର୍ଚ୍ଚ କରୁଛନ୍ତି, ବହୁତ ବିରୋଧ କରୁଛନ୍ତି ଓ ବେଳେବେଳେ ଆପଣ ସ:ଆ:ସଙ୍କ ଉପରେ ଖରାପ ଆରୋପ ଲଗାଇବାକୁ ମଧ୍ୟ ପଛାନ୍ତି ନାହିଁ । ଏବେ ମଧ୍ୟ ଏପରି କରୁଛନ୍ତି । କିନ୍ତୁ ଯେଉଁଠି ଅବୁ ବକରଙ୍କ ନାମ ଆସୁଛି ସେମାନେ କହୁଛନ୍ତି ଯେ, ଅବୁ ବକର୍ ର:ଅ ବହୁତ ନିସ୍ୱାର୍ଥପର ବ୍ୟକ୍ତି ଥିଲେ । ଏ କଥାରେ କେତେକ ୟୁରୋପୀୟ ଲେଖକ ଲେଖୁଛନ୍ତି ଯେ ଯେଉଁ ବ୍ୟକ୍ତିଙ୍କୁ ଅବୁ ବକର୍ ର:ଅ ମାନିଛନ୍ତି ସେ ବ୍ୟକ୍ତି ମିଥ୍ୟାବାଦୀ କିପରି ହେଲେ ? ଯଦି ତୁମେମାନେ ଅବୁବକର୍ ର:ଅଙ୍କ ପ୍ରଶଂସନୀୟ । ଯଦି ସେ ନିସ୍ୱାର୍ଥପର ଥିଲେ ତେବେ ଏ କଥା କୁ ମାନିବାକୁ ପଡ଼ିବ ଯେ ତାଙ୍କର ଆକା (ଅର୍ଥାତ୍ ମୁନୀବ) ମଧ୍ୟ ନିସ୍ୱାର୍ଥପର ଥିଲେ । ଏହା ଏକ ବହୁତ ବଡ଼ ପ୍ରମାଣ, ଯାହାକୁ ରଦ୍ଦ କରିବା ସହଜ ନୁହେଁ ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ପୁଣି ତାହା ଏହାକୁ ଯୋଡ଼ିଛନ୍ତି । ଆପଣ ର:ଅ କହୁଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ମଧ୍ୟ ଆମେ ଦେଖୁଛୁଁ ଯେ ଲୋକମାନେ ଆପଣ ଆ:ସଙ୍କୁ ଜାହିଲ୍ (ଅର୍ଥାତ୍ ମୂର୍ଖ) କହୁଛନ୍ତି କିନ୍ତୁ ଖୁଦାତାଲା ଏହି ଆରୋପକୁ ରଦ୍ଦ କରିବା ପାଇଁ ଏପରି ଆସବାବ କରିଛନ୍ତି ଯେ ହଜ୍‌ରତ୍ ଖଲିଫତୁଲ୍ ଅୱୁଲ ର:ଅ ପ୍ରାରମ୍ଭରେ ହିଁ ଆପଣ ଆ:ସଙ୍କ ଉପରେ ଇମାନ୍ ନେଇ ଆସିଲେ । ମୌଲବୀ ମୁହମ୍ମଦ୍ ହୁସେନ୍ ସାହେବ ବଟାଲୱି ମଧ୍ୟ ଦାବି ପୂର୍ବରୁ ଆପଣ ଆ:ସଙ୍କ ପ୍ରଶଂସାକାରୀ ଥିଲେ । ପୁଣି ଯେବେ ଆପଣ ଆ:ସ ମାମୁରିୟତ (ଅର୍ଥାତ୍ ଅଲ୍ଲାଃଙ୍କ ଅବତାର) ହେବାର ଘୋଷଣା କଲେ, ସେତେବେଳେ କିଛି ଶିକ୍ଷିତ ଲୋକମାନଙ୍କ ଗୋଷ୍ଠିଙ୍କୁ ଅଲ୍ଲାଃ ତାଲା ଏପରି ଛିଡ଼ା କରାଇଦେଲେ, ଯେଉଁମାନେ ଯଥାଶିଘ୍ର ଆପଣ ଆ:ସଙ୍କ ଉପରେ ଇମାନ୍ ନେଇ ଆସିଲେ । ଏହି ଶିକ୍ଷିତ ଲୋକମାନେ ଓ୍ୱଲେମା ମାନଙ୍କ ମଧ୍ୟରୁ ଥିଲେ ଧନୀ ଗୋଷ୍ଠିରୀ ଥିଲେ ଓ ଇଂରାଜୀ ଜାଣିଥିବା ଲୋକମାନଙ୍କ ମଧ୍ୟରୁ ମଧ୍ୟ ଥିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏହାର ବିଶ୍ଳେଷଣ କରି କହୁଛନ୍ତି: ରୁଅବ୍ (ଅର୍ଥାତ୍ ଆଧ୍ୟାତ୍ମିକ ପ୍ରଭାବ) ଓ ଦବ୍‌ଦବା (ଅର୍ଥାତ୍ ପ୍ରତିଷ୍ଠା) ତିନୋଟି ଜିନିଷରୁ ହୋଇଥାଏ ଇମାନ୍ ଦ୍ୱାରା ଜ୍ଞାନ ଦ୍ୱାରା ବା ଅର୍ଥ ଦ୍ୱାରା । ଅଲ୍ଲାଃ ତାଲା ଏହି ତିନୋଟିଯାକ ତତ୍ୱ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍‌ରେ ମଧ୍ୟ ସୃଷ୍ଟି କରିଦେଲେ ।

***(ତଫ୍‌ସୀର୍ କିବୀର୍, ଖଣ୍ଡ-୯, ପୃ-୧୩୯ ରୁ ୧୪୦)***

ଏବେ ଆପଣ ଆ:ସଙ୍କୁ ମଧ୍ୟ ପ୍ରାରମ୍ଭରେ ଏପରି ସାଥି ମିଳାଇ ଦେଲେ, ଯେଉଁମାନଙ୍କର ପ୍ରଶଂସା ଅନ୍ୟ ସମସ୍ତେ କରୁଥିଲେ ବରଂ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱୁଲ୍ ର:ଅଙ୍କ ବୁଦ୍ଧିମତାକୁ ଆଜି ପର୍ଯ୍ୟନ୍ତ ପ୍ରଶଂସା କରାଯାଉଅଛି । ଗଏର୍ ଅହେମଦୀ (ଅଣ ଅହେମଦୀ ମସୁଲ୍‌ମାନ) ବେଦ୍ୟମାନେ ମଧ୍ୟ ଆପଣ ର:ଅଙ୍କ ଔଷଧ ଚିଠା (ପ୍ରେସ୍‌କ୍ରିପ୍‌ସନ୍)କୁ ବ୍ୟବହାର କରୁଛନ୍ତି ଓ ତାହା ଲେଖୁଛନ୍ତି । ସେ ଯାହାହେଉ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମାନୁଥିବା ଏପରି ଲୋକ ମିଳିଲେ ଯେଉଁମାନେ ସବୁପ୍ରକାର ଗୋଷ୍ଠିର ଥିଲେ ଓ ବଡ଼ ବଡ଼ ଖାନ୍‌ଦାନ୍ (ଅର୍ଥାତ୍ ବଂଶ) ର ଲୋକ ଥିଲେ ।

ଆଉ ଏକ ସ୍ଥାନରେ ମକ୍କାରେ କୁଫାର (ଅର୍ଥାତ୍ ଅବିଶ୍ୱାସକାରୀ)ମାନଙ୍କ ଆନ୍ତରିକ ସନ୍ତାପ ଓ ଅଭିଳାଷ ଓ ଇର୍ଣା ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ବର୍ଣ୍ଣନା କରୁଛନ୍ତି ଯେ ''ଅଲ୍ଲାଃ ତାଲା ଏପରି ଆସବାବ ଯୋଗାଇ ଦେଲେ ଯେ କୁଫାର୍ (ଅର୍ଥାତ୍ ଅବିଶ୍ୱାକାରୀ)ମାନଙ୍କ ହୃଦୟ ସବୁ ସମୟ ଜଳି ପୋଡ଼ି ପାଉଁଶ ହେଉଥିଲା ଓ ସେମାନଙ୍କୁ କିଛି ବୁଦ୍ଧି ଦେଖାଯାଉନଥିଲଶ ଯେ ଏହି ନିଆଁକୁ ଲିଭାଇବା ପାଇଁ ଆମେ କଣ ବ୍ୟବସ୍ଥା କରିବୁ । ଏପରି ଆଉ କୌଣସି ବଡ଼ ଖାନ୍‌ଦାନ ବଂଶ ନଥିଲା, ଯାହାର ସଦସ୍ୟ ରସୁଲେ କରିମ୍ ସ:ଆ:ସଙ୍କ ଦାସତ୍ୱରେ ନ ଆସିଥିବେ । ହଜ୍‌ରତ୍ ଜୁବେର୍ ର:ଅ ଏକ ବଡ଼ ବଂଶର ଥିଲେ । ହଜ୍‌ରତ୍ ତଲ୍‌ହା ର:ଅ ଏକ ବଡ଼ ଖାନ୍‌ଦାନ୍‌ର ଥିଲେ ।

ହଜ୍‌ରତ୍ ଉମର୍ ର:ଅ ଗୋଟିଏ ବଡ଼ ଖାନ୍‌ଦାନ୍‌ର ଥିଲେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଏକ ବଡ଼ ଖାନ୍‌ଦାନ୍‌ର ଥିଲେ । ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜଉନ୍ ର:ଅ ବଡ଼ ଖାନ୍‌ଦାନ୍‌ର ଥିଲେ । ସେହିପରି ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ ଓ ଖାଲିଦ୍ ବିନ୍ ୱଲିଦ୍ (ଯିଏ ପରେ ମୁସଲମାନ ହେଲେ) ''ମକ୍କାର ସର୍ବୋଚ୍ଚ ବଂଶୀୟ ଥିଲେ । ଆସ୍ ମୁଖାଲିଫ୍ (ଅର୍ଥାତ୍ ଇସ୍‌ଲାମ୍ ବିରୋଧି) ଥିଲେ କିନ୍ତୁ'' (ଅର୍ଥାତ୍ ଅମ୍‌ରୋଙ୍କ ବାପା) ''ଅମ୍‌ରୋ ର:ଅ ମୁସଲମାନ ହୋଇଗଲେ । ୱଲିଦ୍ ମୁଖାଲିଫ୍ ଥିଲେ କିନ୍ତୁ ଖାଲିଦ୍ ର:ଅ ମୁସଲମାନ ହୋଇଯାଇଥିଲେ ।'' ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି ଯେ ''ସୁତରାଂ ହଜାର ହଜାର ଲୋକେ ଏପରି ଥିଲେ ଯେଉଁମାନେ ଇସ୍‌ଲାମର ଭିଷଣ ଶତ୍ରୁ ଥିଲେ କିନ୍ତୁ ସେମାନଙ୍କ ସନ୍ତାନମାନେ ନିଜକଚ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଦ ତଳେ ପକାଇଦେଲେ ଓ ଯୁଦ୍ଧ କ୍ଷେତ୍ରରେ ନିଜ ବାପା ଓ ନିଜ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କ ବିରୁଦ୍ଧରେ ତରବାରୀ ଚାଳନା କଲେ ।''

***(ତଫ୍‌ସୀର୍ କବୀର୍, ଖଣ୍ଡ-୯, ପୃ-୫୮୮)***

ହଜ୍‌ରତ୍ ଉସ୍‌ମାନ ବିନ୍ ମଜଉନ୍ ର:ଅଙ୍କ ହବ୍‌ଶା ଦେଶ ହିଜ୍‌ରତ୍ କରିବା ଓ ସେଠାରୁ ପୁଣି ମକ୍କା ଫେରିଆସିବା ସମ୍ବନ୍ଧରେ ମଧ୍ୟ କଥା ମିଳିଥାଏ, ଯେପିରିକି ବର୍ଣ୍ଣନା ହୋଇସାରିଛି ଯେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜଉନ୍ ର:ଅ ପ୍ରାରମ୍ଭରେ ଇସ୍‌ଲାମ୍ ଗ୍ରହଣ କରିଥିବା ଲୋକମାନେ ମଧ୍ୟରେ ସାମିଲ୍ ଥିଲେ । ଇବ୍‌ନେ ଇସ୍‌ହାକ୍‌ଙ୍କ ମତରେ ସେ ତେର ଜଣ ଲୋକଙ୍କ ପରେ ଇସ୍‌ଲାମ୍ ଗ୍ରହଣ କରିଛନ୍ତି । ସେ ଓ ତାଙ୍କ ପୁତ୍ର ସାଇବ୍ ମୁସଲମାନଙ୍କ ଗୋଟିଏ ଦଳ ସହିତ ହବ୍‌ଶା ଦେଶ ଆଡ଼କୁ ହିଜ୍‌ରତ୍ ମଧ୍ୟ କରିଥିଲେ । ହବ୍‌ଶାଃରେ ରହଣି ସମୟରେ ଯେବେ ଏ ଖବର ମିଳିଲା ଯେ କୁରେଶ୍ ଇମାନ୍ ନେଇ ଆସିଛନ୍ତି ବୋଲି ସେତେବେଳେ ସେ ମକ୍କା ଫେରି ଆସିଲେ । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରୁଛନ୍ତି ଯେ ଯେବେ ହବ୍‌ଶା ଦେଶକୁ ହିଜ୍‌ରତ୍ କରିଥିବା ଲୋକମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ମକ୍କାବାସୀଙ୍କର ସଜ୍‌ଦାଃ କରିବାର ଖବର ମିଳିଲା, ସେତେବେଳେ ସେମାନେ ସେଠାରୁ ଚାଲି ଆସିଲେ । ଏହାର ବ୍ୟାଖ୍ୟାନ ମୁଁ ପୂର୍ବରୁ ପଛ ଖୁତ୍‌ବା ଗୁଡ଼ିକରେ ବର୍ଣ୍ଣନା କରିସାରିଛି । ତାଙ୍କ ସହିତ ଆହୁରି କିଛି ଲୋକ ଥିଲେ, ସଜ୍‌ଦାଃ କରିବାର କଣ କାରଣ ଥିଲା ? ସେମାନଙ୍କର ଏ ଧାରଣା ଥିଲା ଯେ ସବୁ କୁଫାରମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁଗାମୀ ହୋଇସାରିଛନ୍ତି । ଯେବେ ଏମାନେ ମକ୍କା ନିକଟରେ ପହଂଚିଲେ ଓ ଅସଲ ଘଟଣା ସମ୍ବନ୍ଧରେ ଜାଣିପାରିଲେ, ସେତେବେଳେ ସେମାନଙ୍କୁ ହବ୍‌ଶା ଫେରିଯିବା କଷ୍ଟକର ଲାଗୁଥିଲା । ଅନ୍ୟ କେତେକ ରିୱାୟତ୍ ମୁତାବକ କିଛି ଲୋକେ ସେଠାରୁ ହବ୍‌ଶା ଫେରିଗଲେ । ଏହା ମଧ୍ୟ କୁହାଯାଉଛି ଯେ ଯେଉଁମାନଙ୍କୁ ବିନା କୌଣସି ଆଶ୍ରୟରେ ମକ୍କାରେ ପ୍ରବେଶ କରିବାକୁ ଭୟ ଲାଗୁଥିଲା, ସେମାନେ ସେଠାରୁ ଫେରିଚାଲିଗଲେ । ସେ ଯାହା ହେଉ ଯେଉଁମାନେ ସେଠାକୁ ଆସିଯାଇଥିଲେ, ସେମାନେ କିଛି ସମୟ ସେଠାରେ ଅପେକ୍ଷା କଲେ ଏପରି କି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ମକ୍କାର କୌଣସି ନା କୌଣସି ବ୍ୟକ୍ତିଙ୍କ ଆଶ୍ରୟ ନେଇ ମକ୍କାରେ ପ୍ରବେଶ କଲେ । ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜଉନ୍ ର:ଅ ୱଲିଦ୍ ବିନ୍ ମୁଗିରାଃଙ୍କ ଅମାନ୍ (ଅର୍ଥାତ୍ ଆଶ୍ରୟ)ରେ ରହିଲେ । ଇବ୍‌ନେ ଇସ୍‌ହାଃଙ୍କ ବର୍ଣ୍ଣନା କରୁଛନ୍ତି ଯେ ଯେବେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଦେଖିଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ଓ ତାଙ୍କ ସାହାବିମାନଙ୍କୁ ଦୁଃଖ କଷ୍ଟ ପହଂଚୁଛି, ଲୋକମାନେ ତାଙ୍କୁ ମାରୁଛନ୍ତି ତାଙ୍କ ଉପରେ ଅତ୍ୟାଚାର କରାଯାଉଛି ଓ ସେ ୱଲିଦ୍ ବିନ୍ ମୁଗିରାଃଙ୍କ ଛତ୍ରଛାୟାରେ ରାତି ଦିନ ଶାନ୍ତିରେ ଜୀବନ ବିତାଉଛନ୍ତି । ୱଲିଦ୍ ସେଠାରେ ମକ୍କାର ଅବିଶ୍ୱାସୀଗଣଙ୍କ ରଇସ୍‌ମାନଙ୍କର ମଧ୍ୟରୁ ଜଣେ ରଇସ୍ (ଅର୍ଥାତ୍ ସର୍ଦ୍ଦାର) ଥିଲେ । ସେ ଅଣ ମୁସଲମାନ ଥିଲେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜଉନ୍ ତାଙ୍କ ଶରଣରେ ଥିଲେ । ସେ କହୁଛନ୍ତି ଯେ ଈଶ୍ୱରଙ୍କ ରାଣ ! ମୋର ସକାଳ ଓ ସଂନ୍ଧ୍ୟା ଜଣେ ମୁଶରିକ୍ (ଅନେକେଶ୍ୱରବାଦ)ଙ୍କ ଶରଣରେ ଶାନ୍ତିରେ କଟୁଛି ଯେବେ କି ମୋ ସାଙ୍ଗସାଥିମାନେ ଓ ମୋ ଘରର ଲୋକମାନେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି । ଏହାର ଅର୍ଥ ମୋ ଠାରେ କିଛି ଦୁର୍ବଳତା ରହିଛି । ସେ ମନେ ମନେ ନିଜକୁ ଏ କଥା କହିଲେ । ସୁତରାଂ ସେ ୱଲିଦ୍ ବିନ୍ ମୁଗିରାଃଙ୍କ ନିକଟକୁ ଯାଇ କହିଲେ ଯେ ହେ ଅବ୍‌ଦେ ଶମସ୍‌ର ବାପା ! (ଏହା ୱଲିଦ୍ ବିନ୍ ମୁଗିରାଃଙ୍କ ଉପାଧି ଥିଲା) ତୁମର ଦାୟିତ୍ୱ ପୂରଣ ହୋଇଯାଇଛି । ମୁଁ ତୁମ ଶରଣରେ ଥିଲି, ଏବେ ମୁଁ ଚାହୁଁଛି ଯେ ଏହି ଶରଣରୁ ବାହାରି ରସୁଲେ କରିମ୍ ସ:ଆ:ସଙ୍କ ନିକଟକୁ ଯିବି କାରଣ ମୋ ପାଇଁ ରସୁଲୁଲ୍ଲାଃ ସ:ଆ:ସ ଓ ତାଙ୍କ ସାହାବାମାନେ ହେଉଛନ୍ତି ଆଦର୍ଶ । ଏଥିରେ ୱଲିଦ୍ କହିଲେ ହେ ମୋର ପୁତୁରା । ୱଲିଦ୍ ତାଙ୍କ ବାପାଙ୍କର ବହୁତ ନିକଟତମ ବନ୍ଧୁ ଥିଲେ । ସେ କହିଲେ ହେ ମୋର ପୁତୁରା । ବୋଧ ହୁଏ ମୋର ଏହି ଶରଣ ଦେବା ଦ୍ୱାରା ତୁମକୁ କିଛି କଷ୍ଟ ପହଂଚିଛି ବା ଅସମ୍ମାନ ହୋଇଛି ? ଏଥିରେ ସେ କହିଲେ ନୁହେଁ କିନ୍ତୁ ମୁଁ ଅଲ୍ଲାଃଙ୍କ ଶରଣାଗତ ହେବାକୁ ପସନ୍ଦ କରୁଛଇ । ତୁମ ଶରଣରୁ ବାହାରୁଛି ଓ ଅଲ୍ଲାଃଙ୍କ ଶରଣ ପଶୁଛି । ମୁଁ ତା' ବ୍ୟତିତ ଆଉ କାହା ଶରଣ ନେବାକୁ ଚାହୁଁନାହିଁ । ଏଥିରେ ୱଲିଦ୍ କହିଲେ ଯେ ଖାନ କାବା ନିକଟକୁ ଚାଲ ଓ ସେଠାରେ ମୋ ଅମାନ୍ (ଅର୍ଥାତ୍ ଶରଣ) ଘୋଷଣା କରି ଫେରାଇ ଦିଅ । ଯେପରି ମୁଁ ତୁମକୁ ସର୍ବସାଧାରଣରେ ଘୋଷଣା କରି ଶରଣ ଦେଇଥିଲି । ଏଥିରେ ହଜ୍‌ରତ୍ ଉସ୍‌ମାନ୍ କହିଲେ ଚାଲନ୍ତୁ । ପୁଣି ସେହି ଦୁଇଜଣ ଯାକ ଖାନା କାବା ନିକଟକୁ ଗଲେ । ୱଲିଦ୍ କହିଲେ ଇଏ ହେଉଛନ୍ତି ଉସ୍‌ମାନ୍ ର:ଅ ଯିଏ ମତେ ମୋର ଅମାନ୍ ଫେରାଇବାକୁ ଆସିଛନ୍ତି । ଲୋକମାନଙ୍କ ସମ୍ମୁଖରେ ଏ ଘୋଷଣା କଲେ । ଉସ୍‌ମାନ୍ କହିଲେ ସେ ସତ କହୁଛନ୍ତି । ବାସ୍ତବରେ ମୁଁ ଏହି ଅମାନ୍ ପ୍ରଦାନକାରୀ ଅର୍ଥାତ୍ ୱଲିଦ୍‌ଙ୍କୁ ସତ୍ୟବାଦୀ ଓ ଶରଣ ଦେବା ଦୃଷ୍ଟିକୋଣରୁ ଅତ୍ୟନ୍ତ ସଚ୍ଚୋଟ ପାଇଛି । କିନ୍ତୁ ଏବେ ମୁଁ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାର ଶରଣରେ ରହିବାକୁ ଚାହୁଁ ନାହିଁ । ସେଥିଯୋଗୁଁ ମୁଁ ୱଲିଦ୍‌ଙ୍କ ଅମାନ୍ ତାଙ୍କୁ ଫେରାଇ ଦେଇଛି । ତା'ପରେ ହଜ୍‌ରତ୍ ଉସ୍‌ମାନ ସେଠାରୁ ଫେରି ଚାଲି ଆସିଲେ ।

***(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୮୯-୫୯୦, ''ଉସ୍‌ମାନ୍ ବିନ୍ ମଜଉନ୍'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩)***

ଉକ୍ତ ହବ୍‌ଶା ଦେଶକୁ ହିଜ୍‌ରତ୍ କରିଥିବା ବିଷୟରେ ପୂର୍ବରୁ ମଧ୍ୟ ସାହାବାମାନଙ୍କ ଗୁଣ ବର୍ଣ୍ଣନା କରିବା ସମୟରେ ହୋଇସାରିଛି । ସଂକ୍ଷିପ୍ତରେ ବର୍ଣ୍ଣନା କରିଦେଇଛି । ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ର:ଅ ମଧ୍ୟ ଏହି ଘଟଣାକୁ ଇତିହାସର ଭିନ୍ନ ଭିନ୍ନ ଟିକା ମାଧ୍ୟମରେ ଲେଖିଛନ୍ତି ଯେ ଯେତେବେଳେ ମୁସଲମାନମାନଙ୍କ ଦୁଃଖ କଷ୍ଟ ଶେଷ ସୀମାରେ

ପହଂଚିଗଲା ଓ କୁରୈଶ୍ (ଅର୍ଥାତ୍ ମକ୍କାର ବିରୋଧି ଗୋଷ୍ଠି) ନିଜର ଅତ୍ୟାଚାରରେ ବଢ଼ିଚାଲିଲେ. ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମସୁଲ୍‌ମାନମାନଙ୍କୁ କହିଲେ ଯେ ସେମାନେ ହବ୍‌ଶା ଆଡ଼କୁ ହିଜ୍‌ରତ୍ କରି ଚାଲିଯାଆନ୍ତୁ ଓ ପୁଣି କହିଲେ ଯେ ହବ୍‌ଶାଃ ର ରାଜା ହେଉଛନ୍ତି ନ୍ୟାୟବନ୍ତ ଓ ବହୁତ ଉତମ ନିଷ୍ପତିକାରୀ । ତାଙ୍କ ରାଜତ୍ୱରେ କାହା ଉପରେ ଅତ୍ୟାଚାର ହୁଏ ନାହିଁ । ହବ୍‌ଶା ଦେଶ ଯାହା ବର୍ତମାନ ଇଥିୟୋପିୟା ବା ଅର୍ବସିନିଆକୁ କୁହାଯାଏ, ଏହା ଆଫ୍ରିକା ମହାଦେଶରେ ଉତର ପୂର୍ବ ଦୀଗରେ ଅବସ୍ଥିତ ଓ ଦକ୍ଷିଣ ଆରବର ସମ୍ପୁର୍ଣ୍ଣ ବିପରୀତ ଦୀଗରେ ଅବସ୍ଥିତ ଓ ମଧ୍ୟଭାଗରେ ଲୋହିତ ସାଗର ବ୍ୟତିତ ଅନ୍ୟ କୌଣସି ଦେଶ ନାହିଁ । ସେ ସମୟରେ ହବ୍‌ଶା ଦେଶରେ ଏକ ସୃଦୃଢ଼ ଇସାଇ ହୁକୁମତ୍ (ସରକାର) ଥିଲା । ସେଠିକାର ରାଜାକୁ ନଜାଶି କୁହାଯାଏ । ବରଂ ଏ ପର୍ଯ୍ୟନ୍ତ ମଧ୍ୟ ସେଠିକାର ସରକାର ସେହି ନାମରେ ନାମିତ । (ଯେତେବେଳେ ସେ ଏକଥା ଲେଖୁଥିଲେ) ହବ୍‌ଶା ଦେଶ ସହିତ ଆରବର ବ୍ୟବସାୟିକ ସମ୍ପର୍କ ଥିଲା । ସେ ସମୟରେ ନଜାଶିଙ୍କ ନିଜ ନାମ ଅସ୍‌ହମା ଥିଲା । ଯିଏ ଜଣେ ନ୍ୟାୟବାନ୍, ଉନ୍ନତ ବୁଦ୍ଧି ସମ୍ପନ୍ନ ମଜବୁତ୍ ରାଜା ଥିଲେ । ସେ ଯାହା ହେଉ ଯେତେବେଳେ ମୁସଲ୍‌ମାନମାନଙ୍କ କଷ୍ଟ ସୀମାଧିକ ହେଲା, ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶକ୍ରମେ ରଜବ୍ ମାସ ପଚଂମ ନବୱି ସାଲ୍‌ରେ ଏଗାର ଜଣ ପୁରୁଷ ଓ ଚାରିଜଣ ମହିଳା ହବ୍‌ଶା ଆଡ଼କୁ ହିଜ୍‌ରତ୍ (Migration) କରି ଚାଲିଗଲେ । ସେମାନଙ୍କ ମଧ୍ୟରୁ ଅଧିକା ପ୍ରଶିଦ୍ଧ ନାମ ଗୁଡ଼ିକ ଏପରି । ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ, ତାଙ୍କ ସ୍ତ୍ରୀ ରୁକୟା ବିନ୍‌ତ ରସୁଲୁଲ୍ଲାଃ ସ:ଆ:ସ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ଜୁବେର ବିନ୍ ଅୱାମ୍ ର:ଅ, ଅବୁ ହୁଜୈଫା ବିନ୍ ଉତ୍‌ବାଃ ର:ଅ, ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ, ମୁସୈଦ୍ ବିନ୍ ଅମୀର୍ ର:ଅ ଏବଂ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସନ୍ ଓ ତାଙ୍କ ସହଧର୍ମଣୀ ଉମ୍ମେ ସଲ୍‌ମା ର:ଅ । ଏବେ ସେ ଲେଖୁଛନ୍ତି ଯେ ଏହା ବଡ଼ ଆଶ୍ଚର୍ଯ୍ୟର କଥା ଥିଲା ଯେ ସେ ପ୍ରାରମ୍ଭିକ ମୁହାଜିର୍ ମାନଙ୍କ ମଧ୍ୟରେ ଅଧିକାଂଶ ମୁହାଜିର୍‌ଙ୍କ ସଂଖ୍ୟା ସେମାନଙ୍କର ଥିଲା, ଯେଉଁମାନେ କୁରୈଶ୍‌ର ଶକ୍ତିଶାଳୀ କବିଲା ସହିତ ସମ୍ପର୍କ ରଖିଥିଲେ । ଦୃବଳ ଶ୍ରେଣୀର ଲୋକେ ବହୁତ କମ୍ ଥିଲେ । ଏଥିରୁ ଦୁଇଟି କଥା ସ୍ୱଷ୍ଟ ହେଉଛି ପ୍ରଥମତଃ ଶକ୍ତିଶାଳୀ କବିଲା ସହିତ ସମ୍ପର୍କ ରଖିଥିବା ଲୋକମାନେ ମଧ୍ୟ କୁରୈଶ୍‌ର ଅତ୍ୟାଚାରରୁ ସୁରକ୍ଷିତ ନଥିଲେ । ଦ୍ୱିତୀୟତଃ ଦୃବଳଶ୍ରେଣୀର ଲୋକେ ଉଦାହରଣ ସ୍ୱରୁପ ଗୁଲାମ୍ (ଅର୍ଥାତ୍ କ୍ରୀତଦାସ)ଙ୍କ ପରି ଦୃବଳ ଶ୍ରେଣୀର ଲୋକେ ହିଜ୍‌ରତ୍ କରିବା ପାଇଁ ଶକ୍ତି ରଖି ନଥିଲେ ।

***(ସିରତ୍ ଖାତମୁନ୍ ନବିୟିନ୍, ଲେଖକ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃ-୧୪୬-୧୪୭)***

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ନିଜ ଶୈଳୀରେ ଉପରୋକ୍ତ ଘଟଣାକୁ ଏପରି ବର୍ଣ୍ଣନା କରୁଛନ୍ତି । ଆପଣ ର:ଅ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ମକ୍କାଠାରେ ଶରଣ ନେବା ଓ ପୁଣି ଲବିଦ୍ ବିନ୍ ରବିୟା ସମ୍ପର୍କୀୟ ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି ଲେଖୁଛନ୍ତି । ଏହା ପୂର୍ବରୁ ଚର୍ଚ୍ଚା ସରିଛି ଯେ ସେ ୱ୍ଲିଦ୍‌ଙ୍କ ଅମାନ୍‌ଙ୍କୁ ଫେରାଇ ଦେଇଥିଲେ । ଏବେ ଲେଖୁଛନ୍ତି ଯେ ଯେବେ ମକ୍କାବାସୀଙ୍କ ଅତ୍ୟାଚାର ଅତ୍ୟଧିକ ହୋଇଗଲା ସେତେବେଳେ ମୁହମ୍ମଦ୍ ସ:ଆ:ସ ନିଜ ସାଥିମାନଙ୍କୁ ଡ଼କାଇ କହିଲେ ପଶ୍ଚିମ ପଟକୁ ସମୁଦ୍ର ପାର ହେବା ପରେ ଏକ ଭୂମି ଅଛି, ଯେଉଁଠି ଈଶ୍ୱରଙ୍କ ଉପାସନା କରିବା ଯୋଗୁଁ ଅତ୍ୟାଚାର କରାଯାଉ ନାହିଁ । ଧର୍ମ ପରିବର୍ତନ ଯୋଗୁଁ ଲୋକଙ୍କୁ ହତ୍ୟା କରାଯାଉ ନାହିଁ । ସେଠାରେ ଜଣେ ନ୍ୟାୟବନ୍ତ ରାଜା ରହୁଛନ୍ତି । ତୁମେମାନେ ହିଜ୍‌ରତ୍ କରି ସେଠାକୁ ଚାଲିଯାଅ । ବୋଧ ହୁଏ ସେଠାରେ ତୁମ ପାଇଁ ସୁବିଧା ସୁଯୋଗ ସୃଷ୍ଟି ହୋଇଯିବ । ଆପଣ ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ କିଛି ମୁସଲ୍‌ମାନ୍ ପୁରୁଷ ଓ ମହିଳାମାନେ ତଥା ପିଲାମାନେ ଆର୍ବସିନିଆ ଆଡ଼କୁ ଚାଲିଗଲେ । ସେମାନଙ୍କୁ ମକ୍କାରୁ ବାହାରିବା କୌଣସି ସାଧାରଣ କଥା ନଥିଲା । ଏଠାରେ ବହୁତ ଭାବନାତ୍ମକ ପାର୍ଶ୍ୱ ରହିଛି କି ନିଜ ଦେଶକୁ ଛାଡ଼ି ଚାଲିଯିବା । ଏହା ସାଧାରଣ କଥା ନଥିଲା । ମକ୍କାର ଲୋକମାନେ ନିଜକୁ ଖାନାକାଦାର ମତୱଲି (ଅର୍ଥାତ୍ ପ୍ରବନ୍ଧକ/ ପରିଚାଳକ) ଭାବୁଥିଲେ ଓ ମକ୍କା ଛାଡ଼ି ବାହାରକୁ ଚାଲିଯିବା ସେମାନଙ୍କ ପାଇଁ ଅସହନୀୟ ଦୁଃଖ ଥିଲା ଏପରି କଥା ସେହି ବ୍ୟକ୍ତି କହିପାରିଥାନ୍ତା ଯାହାର ଏ ସଂସାରରେ ଆଉ କୌଣସି ଠିକଣା ବାକି ନଥିବ କି ମକ୍କାରୁ ବାହାରିଯିବ । ସୁତରାଂ ସେମାନଙ୍କର ମକ୍କାରୁ ବାହାରିଯିବା ଅତ୍ୟନ୍ତ ବେଦନା ପୂର୍ଣ୍ଣ ଥିଲା ପୁଣି ମକ୍କାରୁ ଚୋରଙ୍କ ଭଳି ବାହାରିଯିବାକୁ ଥିଲା । କାରଣ ସେମାନେ ଜାଣିଥିଲେ ଯେ ଯଦି ମକ୍କାବାସୀଙ୍କୁ ଜଣା ପଡ଼ିଗଲା ତେବେ ସେମାନେ ଆମକୁ ଯିବାକୁ ଦେବେ ନାହିଁ । ସେଥିଯୋଗୁଁ ସେମାନେ ନିଜ ପ୍ରୀୟ ପରିଜନ ଓ ନିକଟ ସମ୍ପର୍କୀୟଙ୍କୁ ମଧ୍ୟ ଦେଖାକରିବାରୁ ବଂଚିତ ହେଲେ । ଏତତ୍ ବ୍ୟତିତ ତାଙ୍କ ମନର ଅବସ୍ଥା ଅଲଗା ଥିଲା । ସେମାନଙ୍କୁ ଦେଖିଥିବା ଲୋକମାନେ ମଧ୍ୟ ତାଙ୍କ ଦୁଃଖ ଓ କଷ୍ଟ ଦ୍ୱାର ପ୍ରଭାବିତ ନ ହୋଇ ରହିପାରିଲେ ନାହିଁ । ସୁତରାଂ ଯେଉଁ ସମୟରେ ଏହି କାଫିଲା ମକ୍କାରୁ ବାହାରୁଥିଲା, ହଜ୍‌ରତ୍ ଉମର୍ ର:ଅ ଯିଏ ସେ ପର୍ଯ୍ୟନ୍ତ ଏହି କାଫିଲା (ଅର୍ଥାତ୍ ଅମାନ୍ୟକାରୀ) ଥିଲେ ଓ ଇସ୍‌ଲାମ୍‌ର ଭୀଷଣ ଶତୃ ଥିଲେ ଓ ମୁସଲମାନମାନଙ୍କୁ ଦୁଃଖ କଷ୍ଟ ଦେବବାରେ ସର୍ବାଗ୍ରେ ଥିଲେ, ସେ ସଂଯୋଗବସତଃ ଉକ୍ତ କାଫିଲାର କେତେକ ଲୋକଙ୍କୁ ମିଳିଲେ । ସେମାନଙ୍କ ମଧ୍ୟରେ ଜଣେ ସାହାବିୟା ଉମ୍ମେ ଅବ୍‌ଦୁଲ୍ଲାଃ ମଧ୍ୟ ଥିଲେ । ସମାନପାତି ବନ୍ଧାବନ୍ଧି ହେବାର ସବାରୀ (ଅର୍ଥାତ୍ ଯାତ୍ରୀମାନଙ୍କୁ ବହି ନେଇଯିବାର ଓଟ, ଘୋଡ଼ା ଇତ୍ୟାଦି ପଶୁ)ଙ୍କୁ ପ୍ରସ୍ତୁତ ହେବାର ହଜ୍‌ରତ୍ ଉମର ର:ଅ ଯେବେ ଦେଖିଲେ, ସେତେବେଳେ ସେ ବୁଝିଗଲେ ଯେ ଏମାନେ ମକ୍କା ଛାଡ଼ି ଚାଲିଯାଉଛନ୍ତି । ସେ କହିଲେ ହେ ଉମ୍ମେ ଅବ୍‌ଦୁଲ୍ଲାଃ ! ଏହା ସବୁତ ହିଜ୍‌ରତ୍‌ର ସାମାନ ଜଣା ପଡୁଛି । ଉମ୍ମେ ଅବ୍‌ଦୁଲ୍ଲାଃ କହୁଛନ୍ତି, ମୁଁ ଉତରରେ କହିଲି ହଁ ଈଶ୍ୱରଙ୍କ ରାଣ ! ଆମେ ଆଉ ଏକ ଦେଶକୁ ଚାଲିଯାଉଛୁ କାରଣ ତୁମେ ଆମକୁ ବହୁତ ଦୁଃଖ କଷ୍ଟ ଦେଲ ଓ ଆମ ଉପରେ ବହୁତ ଅତ୍ୟାଚାର କରିଛ । ଆମେ ସେତେବେଳ ପର୍ଯ୍ୟନ୍ତ ନିଜ ଦେଶକୁ ଫେରିବୁ ନାହିଁ ଯେ ପର୍ଯ୍ୟନ୍ତ ଖୁଦାତାଲା ଆମ ନିମନ୍ତେ କୌଣସି ସୁବିଧା ଓ ଆରାମ୍‌ର ରାସ୍ତା ସୃଷ୍ଟି ନ କରିଦେଇଛନ୍ତି । ଉମ୍ମେ ଅବ୍‌ଦୁଲ୍ଲା । ବର୍ଣ୍ଣନା କରୁଛନ୍ତି ଯେ ଉମର୍ ପ୍ରତି ଉତରରେ କହିଲେ ଠିକ୍ ଅଛି । ଖୁଦା ତମୁ ସହିତ ଅଛନ୍ତି । ପୁଣି କହୁଛନ୍ତି ଯେ ମୁଁ ତାଙ୍କ ଶବ୍ଦରେ କରୁଣା/ ରୋଦନ ଅନୁଭବ କଲି ଯେବେ କି ସେ ସେତେବେଳେ ଇସ୍‌ଲାମର ଶତୃ ଥିଲେ କିନ୍ତୁ ଏହି ହିଜ୍‌ରତ୍‌କୁ ଦେଖି ସେ ଭାବ ବିଭୋଳ ହୋଇଗଲେ । ଖୁଡା ତୁମ ସହିତ ଅଛନ୍ତି ବୋଲି କହିଲେ । ସେହି ଆବାଜରେ ଏକ ପ୍ରକାରର ରୋଦନ ଥିଲା, ଯାହା ମୁଁ ଏହା ପୂର୍ବରୁ କେବେ ଅନୁଭବ କରିନଥିଲି । ପୁଣି ହଜ୍‌ରତ୍ ଉମର୍ ଯଥାଶିଘ୍ର ମୁହଁ ଫେରାଇ ସେଠାରୁ ଚାଲିଗଲେ ଓ ମୁଁ ଏ କଥା ଅନୁଭବ କଲି ଯେ ଏହି ଘଟଣା ଦେଖ ଉମରଙ୍କ ସ୍ୱଭାବ ଅତ୍ୟନ୍ତ ଦୁଃଖିତ ହୋଇଯାଇଛି ।

ସେ ଯାହା ହେଉ ଯେତେବେଳେ ସେମାନଙ୍କ ହିଜ୍‌ରତ୍ କରିବାର କଥା ମକ୍କାବାସୀ ଜାଣିଲେ, ସେମାନେ ତାଙ୍କର ଅନୁଧାବ୍ କଲେ ଓ ସମୁଦ୍ର ପର୍ଯ୍ୟନ୍ତ ତାଙ୍କ ପଛେ ପଛେ ଗଲେ କିନ୍ତୁ ସେହି କାଫିଲା ଏମାନଙ୍କର ସମୁଦ୍ର ନିକଟରେ ପହଂଚିବା ପୂର୍ବରୁ ହବ୍‌ଶା ଚାଲିଯାଇଥିଲା । ମକ୍କାବାସୀ ଏ କଥା ଜାଣିବା ପରେ ଏ ନିଷ୍ପତି କଲେ କି ଗୋଟିଏ ୱ୍‌ଫଦ୍ (ପ୍ରତିନିଧି ମଣ୍ଡଳ) ହବ୍‌ଶାର ରାଜାଙ୍କ ନିକଟକୁ ପଠାଯାଉ, ଯିଏ ଯାଇ ସେଠାରେ ମୁସଲମାନମାନଙ୍କ ବିରୋଧରେ ରାଜାଙ୍କୁ ଉସୁକାଇବେ ଓ ତାଙ୍କୁ ଏକଥା କହିବେ ଯେ ସେ (ଅର୍ଥାତ୍ ରାଜା) ମୁସଲ୍‌ମାନ ମାନଙ୍କୁ ମକ୍କାବାସୀଙ୍କୁ ଦେଇ ଦିଅନ୍ତୁ । ସେ ଯାହା ହେଉ ସେହି ୱ୍‌ଫଦ୍ ହବ୍‌ଶ ଗଲା ଓ ରାଜା ସହିତ ସାକ୍ଷାତ କଲା । ରାଜଦରବାରର ଅମୀର୍‌ମାନଙ୍କୁ ମଧ୍ୟ ସେମାନେ ଖୁବ୍ ଉସୁକାଇଲେ କିନ୍ତୁ ଅଲ୍ଲାଃ ତାଲା ହବ୍‌ଶାର ରାଜାଙ୍କ ମନକୁ ଦୃଢ଼ କରିଦେଇଥିଲେ ତେଣୁ ସେ ଉକ୍ତ ମକ୍କାବାସୀଙ୍କ ବାରମ୍ବାର କହିବା ସତ୍ତ୍ୱେ ଓ ରାଜଦରବାରର ଲୋକଙ୍କୁ ଯୁକ୍ତି କରିବ ସତ୍ତ୍ୱେ ମଧ୍ୟ, ରାଜ ଦରବାରର ଲୋକମାନେ ମଧ୍ୟ ମକ୍କା ନିବାସୀଙ୍କ କଥାରେ ସହମତ ଥିଲେ ସେମାନେ ମଧ୍ୟ ରାଜାଙ୍କୁ ବହୁତ କହିଲେ ଯେ ସେମାନଙ୍କୁ (ଅର୍ଥାତ୍ ମୁସଲମାନମାନଙ୍କୁ) ମକ୍କା ନିବାସୀଙ୍କୁ ଦେଇ ଦିଅ । କିନ୍ତୁ ରାଜା ମୁସଲମାନମାନଙ୍କୁ କୁଫାର୍ (ଅର୍ଥାତ୍ ମକ୍କାନିବାସୀଙ୍କୁ ଅମାନ୍ୟକାରୀ)ଙ୍କ ହାତରେ ଦେବାପାଇଁ ମନା କରିଦେଲେ । ଯେତେବେଳେ ଏହି ୱ୍‌ଫଦ୍ ଅସଫଳ ହୋଇ (ମକ୍କା) ଫେରି ଆସିଲା । ସେତେବେଳେ ମକ୍କା ନିବାସୀ ମୁସଲମାନମାନଙ୍କୁ ଡ଼କାଇ ଆଣିବା ପାଇଁ ଆଉ ଏକ ଯୋଜନା କଲେ ତାହା ହେଉଛି ଏପରି କି ହବ୍‌ଶା ଦେଶକୁ ଯାଉଥିବା କିଛି କାଫିଲାଙ୍କ ମଧ୍ୟରେ ଏକଥା ପ୍ରସିଦ୍ଧ କରାଇଲେ ଯେ ମକ୍କାର ସବୁ ଲୋକେ ମୁସଲମାନ ହୋଇଯାଇଛନ୍ତି । ଯେତେବେଳେ ଏହି ଖବର ହବ୍‌ଶା ପହଂଚିଲା, ଅଧିକାଂଶ ମୁସଲମାନ ଖୁସିହୋଇ ମକ୍କା ଫେରି ଆସିଲେ କିନ୍ତୁ ମକ୍କାରେ ପହଂଚି ସେମାନେ ଜାଣିପାରିଲେ ଯେ ଏହି ଖବରକୁ ଦୁଷ୍ଟାମି କରି ପ୍ରଶିଦ୍ଧ କରାଯାଇଛି ଓ ଏଥିରେ କିଛି ସତ୍ୟତା ନାହିଁ । ଏହା ପରେ କିଛି ଲୋକେ ପୁଣି ହବ୍‌ଶା ଦେଶକୁ ଲେଉଟି ଗଲେ । ଯେପରି ଏହା କୁହା ସରିଛି ଓ କିଛି ଲୋକ ମକ୍କାରେ ରହିଗଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ଲେଖୁଛନ୍ତି ଯେ ସେହି ରହିଯାଇଥିବା ଲୋକମାନଙ୍କ ମଧ୍ୟରେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ମଧ୍ୟ ଥିଲେ ଯିଏ ମକ୍କାରେ ଜଣେ ବହୁତ ବଡ଼ ରଇସ୍ (ଅର୍ଥାତ୍ ସର୍‌ଦାରଙ୍କ) ପୁତ୍ର ଥିଲେ । ଏଥରକ ତାଙ୍କ ବାପାଙ୍କର ବନ୍ଧୁ ୱ୍ଲିଦ୍ ବିନ୍ ମୁଗିରାଃ ତାଙ୍କୁ ଶରଣ ଦେଲେ ତେଣୁ ସେ ଶାନ୍ତିରେ ମକ୍କାରେ ବସବାସ କରିପାରିଲେ କିନ୍ତୁ ଏହି ଅବଧିରେ ସେ ଦେଖିଲେ ଯେ କିଛି ଅନ୍ୟ ମସୁଲ୍‌ମାନମାନଙ୍କୁ ଦୁଃଖ କଷ୍ଟ ଦିଆଯାଉଛି ଓ ଭୀଷଣ କଷଣ ଦିଆଯାଉଛି । ଯେ ହେତୁ ସେ ସ୍ୱଭିମାନୀ ନବଯୁବକ ଥିଲେ, ତେଣୁ ୱ୍ଲିଦ୍‌ଙ୍କ ନିକଟକୁ ଯାଇ କହିଲେ ଯେ ମୁଁ ଆପଣଙ୍କୁ ଶରଣକୁ ଫେରାଇ ଦେଉଛି କାରଣ ମୁଁ ଏକଥା ଦେଖି ସହିପାରିବି ନାହିଁ ଯେ ଅନ୍ୟ ମୁସଲ୍‌ମାନମାନେ ଦୁଃଖ କଷ୍ଟ ଉଠାଇବେ ଓ ମୁଁ ଆରାମ୍‌ରେ ରହେ । ସୁତରାଂ ୱ୍ଲିଦ୍ ମଧ୍ୟ ଓ ଘୋଷଣା କରିଦେଲେ ଯେ ଉସ୍‌ମାନ୍ ର:ଅ ଏବେ ମୋ ଶରଣରେ ନାହିଁ ।

ଏହା ପରେ ଦିନେ ଆରବର ପ୍ରଶିଦ୍ଧ କବି ଲବିଦ୍ ମକ୍କାର ରଇସ୍‌ମାନଙ୍କ ଗହଣରେ ବସିଥିଲେ ଓ ନିଜର କବିତା ଶୁଣାଉଥିଲେ ଏହି ସମୟରେ ସେ ଏକ ପଦ ପଢ଼ିଲେ: **ୱ କୁଲ୍ଲୁ ନଇମିନ୍ ଲା ମୁହାଲତା ଜାଏଲୁନ୍** ଯାହାର ଅର୍ଥ ହେଉଛି ଏହା କି ସମସ୍ତ ନେମତ୍ (ଅର୍ଥାତ ବିଭବ ଓ ପୁରସ୍କାର) ପରିଶେଷରେ ଶେଷ ହୋଇଯିବ । ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ କହିଲେ ଏହା ଭୁଲ ଅଟେ । ଯନ୍ନତ ଅର୍ଥାତ୍ ବୈକୁଣ୍ଠର ପୁରସ୍କାର ଓ ବୈଭବ ସଦାସର୍ବଦା ପାଇଁ କାଏମ୍ ରହିବ । ଲବିଦ୍ ଜଣେ ବହୁତ ବଡ଼ ଲୋକ ଥିଲେ । ସେ ଏହି ଉତର ଶୁଣି ରାଗିଗଲା ଓ କହିଲା ହେ କୁରୈଶ୍‌ର ଲୋକମାନେ ! ପୂର୍ବରୁ ତୁମ ଅତିଥିମାନଙ୍କୁ ଏପରି ଅସମ୍ମାନ କରାଯାଉନଥିଲା ଏବେ ଏ ନୁଆ ପ୍ରଥା କୁଆଡୁ ସୃଷ୍ଟି ହୋଇଗଲା ? ଏ କଥା ଶୁଣି ଜଣେ ବ୍ୟକ୍ତି କହିଲା ଯେ ଇଏ ଜଣେ ଅବୋଧ ଲୋକ ତା' କଥାକୁ ପରବାଏ କର ନାହିଁ । ହଜ୍‌ରତ୍ ଉସ୍‌ମାନ ନିଜ କଥାରେ ଅଟଳ ରହିଲେ ଓ କହିଲେ କିଛି ନିର୍ବୋଧ କଥା ନୁହେଁ, ଯାହା ମୁଁ କହିଲି ତାହା ହେଉଛି ସତ୍ୟ । ଏଥିରେ ଏହା ଶୁଣି ଜଣେ ଲୋକ ଉଠିପଡ଼ି ବହୁତ ଜୋର୍‌ରେ ତାଙ୍କ ମୁହଁଙ୍କୁ ଏକ ମୁଖା ମାରିଲା ଯଦ୍ୱାରା ତାଙ୍କର ଗୋଟିଏ ଆଖି ନଷ୍ଟ ହୋଇଗଲା ବା ଫୁଲିଗଲା । ୱ୍ଲିଦ୍ ସେହି ସମୟରେ ଉକ୍ତ ମଜ୍‌ଲିସ୍ (ସଭା)ରେ ବସିଥିଲେ, ଯିଏ ତାଙ୍କୁ ଶରଣ ଦେଇଥିଲେ । ୱ୍ଲିଦ୍ ଉସ୍‌ମାନଙ୍କ ବାପାଙ୍କର ବନ୍ଧୁଥିଲେ ଓ ତାଙ୍କ ସହିତ ତା'ର ଗଭୀର ବନ୍ଧୁତ୍ୱ ଥିଲା । ଉସ୍‌ମାନଙ୍କ ବାପାଙ୍କର ଦେହାନ୍ତ ହୋଇସାରିଥିଲା ତେଣୁ ନିଜ ମୃତ

ବନ୍ଧୁଙ୍କ ପୁତ୍ରର ଏପରି ଅବସ୍ଥା ଦେଖି ସହିପାରିଲେ ନାହିଁ କିନ୍ତୁ ମକ୍କାର ପ୍ରଥା ମୁତାବକ ଯେବେ ଉସ୍ମାନ ର:ଅ ତାଙ୍କ ଶରଣରେ ନଥିଲେ ତେଣୁ ସେ ତାଙ୍କୁ ସାହାଯ୍ୟ ମଧ୍ୟ କରିପାରୁନଥିଲେ । ତେଣୁ ଆଉ ତ କିଛି କରିପାରଲେ ନାହିଁ କିନ୍ତୁ ଅତ୍ୟନ୍ତ ଦୁଃଖର ସହିତ ଉସ୍ମାନଙ୍କୁ ସମ୍ବୋଧନ କରି କହିଲେ ଯେ ହେ ମୋର ଭାଇର ପୁତ୍ର ! ଈଶ୍ୱରଙ୍କ ରାଣ ତୁମର ଏହି ଆଖି ଏପରି ଦୁଃଖରୁ ବଂଚିପରିଥାନ୍ତା ଯେବେ ତୁମେ ଏକ ଦୃଢ଼ ସୁରକ୍ଷାର (ଶରଣରେ) ଥାଆନ୍ତ । କିନ୍ତୁ ତୁମେ ନିଜେ ହିଁ ନିଜ ଶରଣକୁ ପରିତ୍ୟାଗ କଲ ଫଳତଃ ଏପରି ସମୟ ଦେଖିବାକୁ ପଡ଼ିଲା । ଏଥିରେ ଉସ୍ମାନ୍ ର:ଅ ଉତର ଦେଲେ ଯେ ଯାହା କିଛି ମୋ ସହିତ ଘଟିଲା ମୁଁ ତାହା ଚାହୁଁଥିଲି । ତୁମେ ମୋର ଫୁଟିଯାଇଥିବା ଆଖି ପାଇଁ ଦୁଃଖ କରୁଛ ଯେବେ କି ମୋ ଭଲ ଆଖିଟି ଏଥିପାଇଁ ବ୍ୟାକୁଳ ହେଉଛି ଯେ ଯାହା ମୋ ଭଉଣୀ (ଅର୍ଥାତ୍ ଅନ୍ୟ ଆଖି) ସହିତ ଘଟିଗଲା ତାହା ମୋ ସହିତ କାହିଁକି ହେଉନାହିଁ । ସେ ଲେଖୁଛନ୍ତି କି ଉସ୍ମାନ୍ ୱଲିଦ୍‌ଙ୍କୁ ଏ ଉତର ଦେଲେ ଯେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ କାର୍ଯ୍ୟ ନମୁନା ମୋ ପାଇଁ ଯଥେଷ୍ଟ । ବହୁତ ଯଥେଷ୍ଟ । ଯଦି ସେ ଦୁଃଖ କଷଣ ସହୁଛନ୍ତି ତେବେ ମୁଁ କାହିଁକି ସହିବି ନାହିଁ । ମୋ ପାଇଁ ଖୁଦାଙ୍କ ସାହାଯ୍ୟ ଯଥେଷ୍ଟ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୨୦୨-୨୦୫)***

ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅ ଓ ଲବିଦ୍ ବିନ୍ ରବିୟା, ଯିଏ ଆରବର ପ୍ରଶିଦ୍ଧ କବି ଥିଲେ, ଏହି ଦୁଇଜଣଙ୍କ ଘଟଣା ଆରବ ଇତିହାସରେ ମଧ୍ୟ ମିଳିଥାଏ ତାହା ମଧ୍ୟ ମୁଁ ଏଠାରେ ବତାଇ ଦେଉଛି । ସେ (ଅର୍ଥାତ୍ ଲବିଦ୍) ଆରବର ପ୍ରଶିଦ୍ଧ କବି ଥିଲା । କୁରୈଶ୍‌ଙ୍କ ମଜ୍‌ଲିସ୍ (ଅର୍ଥାତ୍ ସଭା)ରେ ବସିଥିଲା । ଯେପରି ବର୍ଣ୍ଣନା ସରିଛି । ହଜ୍‌ରତ୍ ଉସ୍ମାନ ର:ଅ ମଧ୍ୟ ତା' ନିକଟରେ ବସି ପଡ଼ିଲେ । ଲବିଦ୍ ପ୍ରଥମେ ନିଜର ଗୋଟିଏ ପଦ ପଡ଼ିଲେ ***ଆଲା କୁଲ୍ଲୁ ଶୈରବ୍ ମା ଖଲାଲ୍ଲାହା ବାତିଲୁନ୍*** ଅର୍ଥାତ୍: ଖବରଦାର ଅଲ୍ଲାଃଙ୍କ ବ୍ୟତିତ ସବୁ କିଛି ବେକାର । ଏହା ଶୁଣି ହଜ୍‌ରତ୍ ଉସ୍ମାନ ର:ଅ କହିଲେ କି ତୁମେ ସତ କହିଲ । ପୁଣି ଲବିଦ୍ କହିଲା ***ୱ କୁଲ୍ଲୁ ନଈମିନ୍ ଲା ମହାଲତା ଜାଏଲୁନ୍*** ଅର୍ଥାତ୍: ନିଶ୍ଚିତ ରୂପେ ପ୍ରେତ୍ୟେକ ନେମତ (ଅର୍ଥାତ୍ ପୁରସ୍କାର/ ବୈଭବ) ଶେଷ ହୋଇଯିବ । ଏହା ଶୁଣି ହଜ୍‌ରତ୍ ଉସ୍ମାନ୍ କହିଲେ ତୁମେ ମିଛ କହିଲ । ଲୋକମାନେ ଉସ୍ମାନଙ୍କ ଆଡ଼କୁ ଚାହିଁଲେ ଓ ଲବିଦ୍‌ଙ୍କୁ କହିଲେ ପୁନର୍ବାର ଉକ୍ତ ପଦଟିକୁ ପାଠକର । ଲବିଦ୍ ପୁନର୍ବାର ତାହା ପଢ଼ିଲେ । ହଜ୍‌ରତ୍ ଉସ୍ମାନ୍ ର:ଅ ସେହିଭଳି ଥରୁଟିଏ ସମର୍ଥନ ଓ ଆଉଥରେ ପ୍ରତ୍ୟାଖାନ କଲେ ଯେ ଯନ୍ନତ (ଅର୍ଥାତ୍ ବୈକୁଣ୍ଠ)ର ପୁରସ୍କାରର ଅନ୍ତ/ ଶେଷ ନାହିଁ । କବି ଲବିଦ୍ କହିଲେ ଯେ ହେ କୁରୈଶ୍‌ର ଗୋଷ୍ଠୀ ସମୁହ ! ତୁମମାନଙ୍କ ସଭା ତ ଏପରି ନଥିଲା । ତାଙ୍କ ମଧ୍ୟରୁ ଜଣେ ମୂର୍ଖ ବ୍ୟକ୍ତି ଛିଡ଼ା ହେଲା ଓ ହଜ୍‌ରତ୍ ଉସ୍ମାନଙ୍କ ଆଖିକୁ ଚାପୁଡ଼ା ମାରିଲା, ମୁଥା ମାରିଲା ଫଳତ୍ୟ ତାଙ୍କ ଆଖି ନିଳ ପଡ଼ିଗଲା ବା ଫୁଲିଗଲା । ତାଙ୍କ ଚାରିପାଖରେ ଥିବା ଲୋକମାନେ କହିଲେ ଉସ୍ମାନ୍ ! ଈଶ୍ୱରଙ୍କ ରାଣ ! ତୁମେ ଏକ ମଜ୍‌ବୁତ୍ ଶରଣରେ ଥିଲ ଓ ତୁମାର ଆଖି ସହିତ ଯାହା ବ୍ୟବହାର କରାଗଲା, ସେ ଦୁଃଖରୁ ତୁମେ ସୁରକ୍ଷିତ ଥିଲା । ଏହା ଶୁଣି ହଜ୍‌ରତ୍ ଉସ୍ମାନ୍ ର:ଅ କହିଲେ ଅଲ୍ଲାଃଙ୍କ ଅମାନ୍ (ଅର୍ଥାତ୍ ଶରଣ) ବହୁତ ମଜ୍‌ବୁତ୍ । ତଥା ଅଧିକା ସମ୍ମାନସ୍ପଦ । ମୋର ଅନ୍ୟ ଆଖିଟି ମଧ୍ୟ ଏହିପରି କଷ୍ଟ ସହିବାକୁ ଇଚ୍ଛା କରୁଛି ଯେପରି ମୋର ଗୋଟିଏ ଆଖିକୁ ଦୁଃଖ ପହଂଚିଛି । ମୁଁ ରସୁଲୁଲ୍ଲାଃ ସ:ଆ:ସ ଓ ଆପଣ ସ:ଆ:ସଙ୍କ ସାହାବିମାନଙ୍କୁ ଅନୁଶରଣ କରିବା ଜରୁରୀ ମଣୁଛି । ଏଥିରେ ୱଲିଦ୍ କହିଲେ ଯେ ମୋ ଅମାନ୍‌ରେ ତୁମର କ'ଣ କ୍ଷତି ହେଉଥିଲା ? ହଜ୍‌ରତ୍ ଉସ୍ମାନ୍ ର:ଅ ଏହା ଶୁଣି କହିଲେ ଯେ ମତେ ଅଲ୍ଲାଃଙ୍କ ଶରଣ ବ୍ୟତିତ ଆଉ କାହାର ଶରଣ ନେବା ଆବଶ୍ୟକ ନାହିଁ ।

***(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୯୦, ''ଉସ୍ମାନ୍ ବିନ୍ ମଜ୍‌ଉନ୍'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)***

ଏହା ଥିଲା ସେହି ଲୋକମାନଙ୍କ ଇମାନ୍‌ର ଅବସ୍ଥା ଓ ଏହା ଥିଲା ଏକ ପ୍ରକାରର ଦରଦ ନିଜ ସାଥିମାନଙ୍କ ସକାଶେ ଯେ ଯଦି ସେମାନେ ଦୁଃଖରେ ଅଛନ୍ତି ତେବେ ଆମେ କାହିଁକି ସେଥିରୁ ବଂଚିତ ହେବା । ଯେବେ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରେମର ସଂମ୍ପର୍କ ଥିଲା । ଯଦି ସେ ଏପରି ଦୁଃଖରେ ଅଛନ୍ତି ତେବେ ମୁଁ କାହିଁକି ସେଥିରୁ ବଂଚିତ ହେବି । ସାହାବାମାନଙ୍କ ନମୁନା ଦେଖି ମଧ୍ୟ ତାଙ୍କୁ ବହୁତ କଷ୍ଟ ହେଉଥିଲା ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଏପରି ଉତର ଦେବା ଏଥିପାଇଁ ଥିଲା ଯେ ସେ ପବିତ୍ର କୋରାନ୍ ଶୁଣିଥିଲେ, ପବିତ୍ର କୋରାନ୍ ପଢ଼ିଥିଲେ । ଏବେ ତାଙ୍କ ନିକଟରେ କବିତାର ପଦ ଶୁଣିବାର କିଛି ଅବକାଶ ନଥିଲା । ପରେ ଲବିଦ୍ ମଧ୍ୟ ମୁସଲ୍‌ମାନ ହୋଇଯାଇଥିଲେ । ପୁଣି ସେ ଲେଖୁଛନ୍ତି ଯେ ଲବିଦ୍ ନିଜେ ମୁସଲମାନ ହୋଇଯିବା ପରେ ଏହି ଶୈଳୀକୁ ଆପଣେଇ ଥିଲେ । ସୁତରାଂ ହଜ୍‌ରତ୍ ଉମ୍‌ର ର:ଅ ଥରେ ତାଙ୍କର ଜଣେ ଗର୍ଭନରଙ୍କୁ କହି ପଠାଇଲେ ଯେ ମତେ କିଛି ପ୍ରସିଦ୍ଧ କବିମାନଙ୍କ ତାଜା କବିତା ପଠାଅ । ସେତେବେଳେ ଲବିଦ୍ ମୁସଲ୍‌ମାନ ହୋଇସାରିଥିଲେ, ତାଙ୍କୁ ଯେତେବେଳେ ତାଜା କବିତା ପାଇଁ ଅନୁରୋଧ କରାଗଲା, ସେ ପବିତ୍ର କୋରାନ୍‌ର କିଛି ଆୟତ (ଶ୍ଳୋକ) ଲେଖି ପଠାଇଦେଲେ ।

ହଜ୍‌ରତ୍ ଉସ୍ମାନ୍ ର:ଅଙ୍କ ସହିତ ଆଁ ହଜ୍‌ରତ୍ ସ:ଆ:ସ ଓ ଆପଣଙ୍କ ସାହାବା ମାନଙ୍କର ଯେଉଁ ପ୍ରେମପୂର୍ଣ୍ଣ ସଂମ୍ପର୍କ ଥିଲା ତାହାର ପରିପ୍ରକାଶ ଏହି ଗୋଟିଏ ଘଟଣାରୁ ହେଉଅଛି । ରିୱାୟତ୍‌ରେ ଆସୁଛି ଯେ ତାଙ୍କ ଦେହାନ୍ତରେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ (ମଥାକୁ) ଚୁମ୍ବନ ଦେଲେ ଓ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଖିରୁ ଅଶ୍ରୁ ବହୁଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ପୁତ୍ର ଇବ୍ରାହିମ୍‌ଙ୍କର ଯେତେବେଳେ ଦେହାନ୍ତ ହେଲା ସେତେବେଳେ ମଧ୍ୟ ତାଙ୍କ ଲାଶ୍ ନିକଟରେ ଆପଣ ସ:ଆ:ସ ଏ ଉକ୍ତି କହିଥିଲେ: ***ଅଲ୍‌ହିକ୍ ବିସଲଫିନସ୍ ସ୍ୱାଲେହ୍ ଉସ୍ମାନ୍ ଇବ୍‌ନେ ମଜ୍‌ଉନ୍ ର:ଅ*** ଅର୍ଥାତ: ଆମର ସଦାଚାରୀ ପ୍ରୀୟ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ସୋହ୍‌ବତ୍ (ଅର୍ଥାତ୍ ସଙ୍ଗତ)ରେ ଯାଅ ।

***(ଫଜାଇଲଲ୍ କୁର୍‌ଆନ୍ ସଂଖ୍ୟା-୪, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୨, ପୃ-୪୫୬)***

ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ମଦିନା ହିଜ୍‌ରତ୍ କରିବା ସମ୍ବନ୍ଧରେ ଏପରି ମିଳୁଛି ଯେ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅ, ହଜ୍‌ରତ୍ କୁଦାମାଃ ବିନ୍ ମଜ୍‌ଉନ୍ ର:ଅ, ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ଏବଂ ହଜ୍‌ରତ୍ ସାଏବ୍ ବିନ୍ ଉସ୍ମାନ୍ ର:ଅ ମଦିନା ହିଜ୍‌ରତ୍ କରିବା ସମୟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସଲ୍‌ମାଃ ଅଜ୍‌ଲାନୀ ର:ଅଙ୍କ ଘରେ ରହିଥିଲେ । ଆଉ ଗୋଟିଏ କଥନ ମୁତାବକ ଏମାନେ ସମସ୍ତେ ହଜ୍‌ରତ୍ ହଜମା୍ ବିନ୍ ୱଦିୟା ର:ଅଙ୍କ ଘରେ ରହିଥିଲେ । ମୁହମ୍ମଦ ବିନ୍ ଉମର୍ ୱାକ୍‌ଦି ବର୍ଣ୍ଣନା କରୁଛନ୍ତି ଯେ ମଜ୍‌ଉନ୍ ବଂଶର ଲୋକେ ସେମାନଙ୍କ ମଧ୍ୟରେ ଥିଲେ ଯାହାଙ୍କ ପୁରୁଷ ଓ ମହିଳାମାନେ ସମସ୍ତେ ଏକାଠି ହୋଇ ହିଜ୍‌ରତ୍ କରିଥିଲେ ଓ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ମକ୍କାରେ ରହିଯାଇନଥିଲେ । ହଜ୍‌ରତ୍ ଉମ୍ମେ ଅଲା ବର୍ଣ୍ଣନା କରୁଛନ୍ତି ଯେ ଯେବେ ରସୁଲୁଲ୍ଲାଃ ସ:ଆ:ସ ଓ ମୁହାଜିର୍ ମାନେ ମଦିନା ଆସିଲେ ସେତେବେଳେ ଅନ୍‌ସାର୍‌ମାନଙ୍କ ଏ ଅଭିଳାଷା ଥିଲା ଯେ ସେମାନଙ୍କ ଘରେ ମୁହାଜିରମାନେ ରହନ୍ତୁ । ସୁତରାଂ ସେଥିଯୋଗୁଁ ଗୋଳାପଡ଼ିଲା ଓ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅ ଆମ ଭାଗରେ ପଡ଼ିଲେ । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜଉନ ଏବଂ ହଜ୍‌ରତ୍ ଅବୁ ହୈଶମ୍ ବିନ୍ ତୈୟେହାଙ୍କ ମଧ୍ୟର ମୁଆଖାତ୍ (ଅର୍ଥାତ୍ ଭାଇଭାଇ) ପ୍ରତିଷ୍ଠା ହୋଇଥିଲେ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୨-୩୦୩, ଉସ୍ମାନ୍ ବିନ୍ ମଜଉନ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)***

ହଜ୍‌ରତ୍ ଉସ୍ମାନ୍ ର:ଅ ମଦିନା ହିଜ୍‌ରତ୍ କରିଥିଲେ ଓ ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ସବୁ ଲୋକମାନଙ୍କ ଅପେକ୍ଷା ଅଧିକା ଉସ୍ୱାହିତ ହୋଇ ନମାଜ ପାଠ କରନ୍ତି । ଦିନବେଳା ରୋଜା ରଖନ୍ତି ଓ ରାତି ସମୟରେ ଉପାସନା କରନ୍ତି । ଇଚ୍ଛା ଅଭିଳାଷାରୁ ବଂଚି ରହୁଥିଲେ ଓ ସ୍ତ୍ରୀମାନଙ୍କ ଠାରୁ ଦୂରେଇ ରହିବା ପାଇଁ ଚେଷ୍ଟା କରୁଥିଲେ । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ସଂସାର ଛାଡ଼ିଦେବା ପାଇଁ ଅର୍ଥାତ୍ ନିର୍ମାୟା ହୋଇଯିବା ପାଇଁ ଓ ନିଜକୁ ଖସି କରିଦେବାପାଇଁ ଅନୁମତି ମାଗିଲେ କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ଏପରି କରିବାକୁ ମନା କଲେ । ଏହା ଇତିହାସ ପୁସ୍ତକ ଉସଦୁଲ୍ ଗାବାଃରେ ଲେଖା ଯାଇଛି ।

***(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୯୦, ''ଉସ୍ମାନ୍ ବିନ୍ ମଜ୍‌ଉନ୍ '', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)***

ପୁଣି ଗୋଟିଏ ରିୱାୟତରେ ଅଛି ଯେ, ଦିନେ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ସ୍ତ୍ରୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ସ୍ତ୍ରୀମାନଙ୍କ ନିକଟକୁ ଆସିଲେ । ଅଜ୍‌ୱାଜେ ମୋତେହେରାତ୍ (ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ପତ୍ନୀମାନେ ତାଙ୍କୁ ମଇଳା ବସ୍ତ୍ର ପିନ୍ଧିଥିବାର ଓ ଅସଜଡ଼ା ଅବସ୍ଥାରେ ବାଳ ଉଡୁଥିବା ଅବସ୍ଥାରେ ପାଇ କହିଲେ ଯେ ତୁମେ ଏପରି ଅବସ୍ଥା କାହିଁକି କରି ରଖିଛ ? ନିଜକୁ ସଜାଡ଼ି ସୁନ୍ଦର କରି ରୁହ । ତୁମ ସ୍ୱାମୀଙ୍କଠାରୁ ଅଧିକା ଧନୀ ବ୍ୟକ୍ତି କୁରୈଶ୍ ମଧ୍ୟରେ କେହି ନାହିଁ । ଏପରି ତ ନୁହେଁ କି ତୁମେ afford କରିପାରୁ ନାହିଁ । ତୁମ ସ୍ୱାମୀ ବହୁତ ଧନୀ ଲୋକ ତେଣୁ ନିଜକୁ ସଜାଡ଼ି ଠିକ୍ କରି ରୁହ । ଏଥିରେ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍‌ଙ୍କ ପତ୍ନୀ ଅଜ୍‌ୱାଜେ ମୋତହରାତ୍‌ଙ୍କୁ କହିଲେ ଯେଉଁମାନେ ସମସ୍ତେ ଏକାଠି ବସିଥିଲେ ଯେ ଆମ ପାଇଁ ତାଙ୍କ ନିକଟରେ କିଛି ନାହିଁ ଅର୍ଥାତ୍ ଯାହା କିଛି ଆପଣମାନେ କହୁଛନ୍ତି ନା ତ ଉସ୍ମାନଙ୍କ ନିକଟରେ ଧନ ବା ତାହା କିଛି ନାହିଁ- କାହିଁକି ? କାରଣ ତାଙ୍କର ଭାବନା ଆମ ପାଇଁ କିଛି ନାହିଁ । ସେ ରାତିରେ ମଧ୍ୟ ଉପାସନାରେ ଲାଗି ରହିଛନ୍ତି । ଆମ ପ୍ରତି ତାଙ୍କର ଧ୍ୟାନ ନାହିଁ । ଦିନ ବେଳା ରୋଜା ରଖୁଛନ୍ତି । ନବି କରିମ୍ ସ:ଆ:ସ ପହଂଚିଲେ ଅଜ୍‌ୱାଯେ ମୋତହରା ଆପଣ ସ:ଆ:ସଙ୍କୁ ସବୁ କଥା ବତାଇଲେ । ଉସ୍ମାନଙ୍କ ପତ୍ନୀଙ୍କର ଏପରି କଥା ଶୁଣି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍‌ଙ୍କ ସହିତ ଭେଟିଲେ ଓ ତାଙ୍କୁ କହିଲେ ଯେ କଣ ତୁମ ପାଇଁ ମୁଁ ଆଦର୍ଶ ନୁହେଁ ? ଏଥିରେ ସେ କହିଲେ ମୋ ମା'ବାପା ଆପଣଙ୍କ ପାଇଁ ଉତ୍ସର୍ଗ ହୁଅନ୍ତୁ କଣ କଥା ହୋଇଗଲା ? ହଜ୍‌ରତ୍ ଉସ୍ମାନ୍ କହିଲେ ଯେ ମୁଁ ତ ଚେଷ୍ଟା କରୁଛି କି ବିଲ୍‌କୁଲ୍ ଆପଣଙ୍କ ଅନୁସାରେ ପରିଚାଳିତ ହେବି । ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ତୁମେ ଦିନ ତମାମ ରୋଜା ରଖୁଛ ଓ ରାତି ତମାମ ଉପାସନା କରୁଛ । ଏଥିଣେ ସେ କହିଲେ ହଁ ମୁଁ ଏପରି କରୁଛଇ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏପରି କର ନାହିଁ । ତୁମ ଆଖିରେ ତୁମ ଉପରେ ହକ୍ ଅର୍ଥାତ୍ ଅଧିକାର ଅଛି ତୁମ ଶରୀରର ତୁମ ଉପରେ ଅଧିକାର ଅଛି ଓ ତୁମ ଘର ଲୋକଙ୍କର ମଧ୍ୟ ତୁମ ଉପରେ ଅଧିକାର ଅଛି ଓ ତୁମ ସ୍ତ୍ରୀ ପିଲାମାନଙ୍କର ମଧ୍ୟ ତୁମ ଉପରେ ଅଧିକାର ରହିଛି । ତେଣୁ ନମାଜ ପଢ଼ ଓ (କିଛି) ଶୋଇଯାଅ । ଶୋଇବା ମଧ୍ୟ ଜରୁରୀ ଅଟେ । ନଫଲ ପ୍ରତି, ରାତିରେ ଯାଗ କିନ୍ତୁ ଶୋଇବା ମଧ୍ୟ ଜରୁରୀ । ରୋଜା ରଖ ଓ (କିଛି ଦିନ) ଛାଡ଼ି ଦିଅ । ଯଦି ନଫିଲ୍ ରୋଜା ରଖିବାକୁ ଚାହୁଁଛ ତେବେ ନିଶ୍ଚିତ ରୂପେ ରଖ କିନ୍ତୁ କିଛି ଦିନ ଛାଡ଼ି ଦିଅ । ଏକଥା ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କୁ କହିଲେ । ଏହାର କିଛି ଦିନ ପରେ ତାଙ୍କ ସ୍ତ୍ରୀ ଅଜ୍‌ୱାଯେ ମୁତହାରଙ୍କ

ନିକଟକୁ ଆସିଲେ । ସେ ଅତର ଲଗାଇଥିଲେ ଯେପରି ଜଣେ ନୂଆ ବୋହୂ । ସେମାନେ ତାଙ୍କୁ ପଚାରିଲେ କଥା କଣ ଆଜି ପୁରା ସିଙ୍ଗାର ହୋଇ ଆସିଛ । ଏଥିରେ ସେ କହିଲେ ଯେ ଆମକୁ ମଧ୍ୟ ସେ ସବୁ ଜିନିଷ ମିଳିଗଲା ଯାହା ଲୋକମାନଙ୍କୁ ମିଳିଥାଏ ଅର୍ଥାତ୍ ଏବେ ସ୍ୱାମୀ ଧ୍ୟାନ ଦେଉଛନ୍ତି ।

***(ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୪୩୦, ଉସ୍ମାନ୍ ବିନ୍ ମଜ୍ଉନ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବେରୁତ ୧୯୯୦)***

ହଜ୍‌ରତ୍ ଆଇଶାଃଙ୍କଠାରୁ ଏ ସମ୍ବନ୍ଧରେ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଉସ୍ମାନ୍ ବିନ୍ ମଜ୍ଉନଙ୍କୁ ଡ଼କାଇ କହିଲେ କଣ ତୁମେ ମୋ ଶୈଳୀକୁ ନାପସନ୍ଦ କରୁଛ ? ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ନା ମୁଁ ତ ଆପଣଙ୍କ କାର୍ଯ୍ୟଶୈଳୀକୁ ଅନୁଶରଣ କରୁଛି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୁଁ ମଧ୍ୟ ଶୋଉଛି ଓ ନମାଜ ମଧ୍ୟ ପଢୁଛି, ରୋଜା ମଧ୍ୟ ରଖୁଛି ଓ କେବେ କେବେ ରଖୁନାହିଁ । ମହିଳାଙ୍କୁ ବିବାହ ମଧ୍ୟ କରୁଛଇ । ହେ ଉସ୍ମାନ ! ତୁମେ ଅଲ୍ଲାଃଙ୍କୁ ଭୟକର । ତୁମ ଉପରେ ତୁମ ସ୍ତ୍ରୀଙ୍କର ମଧ୍ୟ ଅଧିକାର ଅଛି । ତୁମ ଅତିଥିମାନଙ୍କର ମଧ୍ୟ ଅଧିକାର ଅଛି ଓ ତୁମ ନିଜର ମଧ୍ୟ ତୁମଠାରେ ଅଧିକାର ରହିଛି । ତେଣୁ କେବେ ରୋଜା ରଖ ଓ ବେଳେବେଳେ ରୋଜା ଛାଡ଼ିଦିଅ । ନମାଜ ପଢ଼ ଓ କିଛି ସମୟ ଶୋଇଯାଅ ।

***(ସୁନନେ ଅବି ଦାଉଦ, କିତାବୁ ତତଓ୍ୱୁ..... ହଦିସ ୧୩୬୯)***

ହଜ୍‌ରତ୍ ମିର୍ଜା ବଶିର ଅହମଦ୍ ସାହେବ୍ ର:ଅ ବୁଖାରୀର ଟିକ ଦେଇ ବର୍ଣ୍ଣନା କରୁଛନ୍ତି ଯେ ‘‘ସାଆଦ୍ ବିନ୍ ଅବି ଓ୍ୱକାସ୍ ର:ଅ ରିଓ୍ୱାୟତ କରୁଛନ୍ତି ଯେ ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ମହିଳାମାନଙ୍କ (ଅର୍ଥାତ୍ ନିଜ ସ୍ତ୍ରୀ ମାନଙ୍କଠାରୁ) ସମ୍ପୂର୍ଣ୍ଣ ରୂପେ ଅଲଗା ହୋଇଯିବା ପାଇଁ ଅନୁମତି ଚାହିଁଲେ କିନ୍ତୁ ଆପଣ ସ:ଆ:ସ ଏହାର ଅନୁମତି ଦେଲେନାହିଁ । ଯଦି ଆପଣ ଅନୁମତି ଦେଇ ଦେଇଥାନ୍ତେ ତେବେ ଆମେମାନେ ପ୍ରସ୍ତୁତ ଥିଲୁ ଯେ ନିଜକୁ ସମ୍ପୂର୍ଣ୍ଣ ରୂପେ ଖାସି କରିଦେଇଥାନ୍ତୁ ।’’ ***(ସିରତ୍ ଖାତମୁନ୍ ନବିୟିନ୍...... ପୃ-୪୧୮)*** ଉକ୍ତ ମନୋଭାବକୁ ସମ୍ପୁର୍ଣ୍ଣ ରୂପେ ଶେଷ କରିଦେବାପାଇଁ ପୂର୍ଣ୍ଣ ଚେଷ୍ଟା କରିଥାନ୍ତୁ । ବୁଖାରୀରେ ଯେଉଁ ହଦିସ୍ ଅଛି ତାହାର ଅନୁବାଦ ବତାଇ ଦେଉଛି: ତାହା ହେଉଛି ଏପରି କି ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଉସ୍ମାନ ବିନ୍ ମଜ୍ଉନ୍ ର:ଅ ତବତ୍ତୁଲ୍ (ଅର୍ଥାତ୍ ସ୍ତ୍ରୀ ପିଲା ସଂସାରିକ ଭୋଗ ବିଳାସ ଇତ୍ୟାଦି ଦୈହିକ ସୁଖ ପରିତ୍ୟାଗ କରିବା)ର ଅନୁମତି ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ଚାହିଁଲେ କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ତାହା ତାଙ୍କୁ କରିବାକୁ ମନା କରିଦେଲେ । ସହି ହଦିସ୍‌ରେ ବର୍ଣ୍ଣିତ ଅଛି ମଧ୍ୟ ଯେ ଯଦି ଆପଣ ସ:ଆ:ସ ଏହାର ଅନୁମତି ଦେଇ ଦେଇଥାନ୍ତେ ତେବେ ଆମେ ସମସ୍ତେ ବୋଧହୁଏ ସଂସାରକୁ ତ୍ୟାଗ କରିଦେଇଥାନ୍ତୁ ।

***(ସହି ବୁଖାରୀ, କିତାବୁଲ୍ ନିକାହ୍..... ହଦି ୫୦୭୩)***

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ର:ଅ ପୁଣି ଲେଖୁଛନ୍ତି ଯେ ‘‘ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅ ବନୁ ଯୁମହ୍ କବିଲାର ଥିଲେ । ସେ ଅତ୍ୟନ୍ତ ସୁଫି ସ୍ୱଭାବରେ ଥିଲେ । ସେ ଯାହିଲିୟତ୍ ଯୁଗରେ (ଅର୍ଥାତ୍ ଇସ୍‌ଲାମର ପୂର୍ବବର୍ତୀ ସମୟରେ) ମଦ୍ୟପାନ କରୁନଥିଲେ ।’’ ଇସ୍‌ଲାମ୍ ଆଣିବା ପୂର୍ବରୁ କେବେ ମଧ୍ୟ ମଦ୍ୟପାନ କରୁନଥିଲେ, ‘‘ଇସ୍‌ଲାମ୍ ଆଣିବା ପରେ ମଧ୍ୟ ସଂସାରୀକ ମୋହ ମାୟାକୁ ତ୍ୟାଗ କରିବା ପାଇଁ ଚାହୁଁଥିଲେ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଏହାର ଅନୁମତି ଦେଲେ ନାହିଁ ଓ କହିଲେ ଇସ୍‌ଲାମ୍‌ରେ ରହ୍‌ବାନିୟତ (ଅର୍ଥାତ୍ ନିଃସଙ୍ଗ/ ଏକାକୀ) ଜୀବନଯାପନ କରିବା ଉଚିତ ନୁହେଁ ।’’

***(ସିରତ୍ ଖାତମୁନ୍ ନବିୟିନ୍..... ପୃ-୧୨୪)***

ଇସ୍‌ଲାମ୍ କହୁଛି ଯେ ତୁମେ ଏ ସଂସାରରେ ରୁହ । ଏ ସଂସାରରେ ଅଲ୍ଲାଃତାଲା ଯାହା କିଛି ନେମତ୍ (ଅର୍ଥାତ୍ ସାଂସାରିକ ସୁଖ) ପ୍ରଦାନ କରିଛନ୍ତି ସେଥିରୁ ଲାଭ ଉଠାଅ କିନ୍ତୁ ଈଶ୍ୱରଙ୍କୁ ଭୁଲିଯାଅନାହିଁ । ସେ ସର୍ବଦା ତୁମ ସମ୍ମୁଖରେ ରହିବା ଉଚିତ ।

ହଜ୍‌ରତ୍ କୁଦାମାଃ ବିନ୍ ମଜ୍ଉନ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଉମର୍ ବିନ୍ ଖତାବ ର:ଅ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍ଉନ୍‌ଙ୍କୁ ମିଳିଲେ ସେ ତାଙ୍କ ସମାରୀ ଉପରେ ଆରୋହଣ କରିଥିଲେ ଓ ହଜ୍‌ରତ୍ ଉସ୍ମାନ୍ ନିଜ ସବାରୀ ଉପରେ ଥିଲେ । ଅସାସାଃ ନାମକ ଘାଟି ଉପରେ ଦୁଇଜଣଙ୍କର ସାକ୍ଷାତ ହେଲା । ଅସାସାଃ, ଜୁଲ୍ ହୁଲୈଫା ପରେ ହୁଜ୍‌ଫାର ରାସ୍ତାରେ ମଦିନାଠାରୁ ୭୭ ମାଇଲ୍ ଦୂରତାରେ ଅବସ୍ଥିତ । ହଜ୍‌ରତ୍ ଉମରଙ୍କ ଓଟ ଟି ହଜ୍‌ରତ୍ ଉସମାନ୍ ର:ଅଙ୍କ ଓଟଟିକୁ ଦବାଇ ଦେଲା । ବହୁତ ନିକଟତର ହେବାରୁ ଓଟ ଦବାଇଦେଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ସବାରୀ କାଫିଲାର ବହୁ ଆଗରେ ଥିଲା । ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅ କହିଲେ ***ୟା ଗଲ୍‌କଲ୍ ଫିତ୍‌ନତିହି !*** ଆପଣ ମୋତେ କଷ୍ଟ ଦେଇଛନ୍ତି । ଯେବେ ସବାରୀ ରହିଲା ସେତେବେଳେ ହଜ୍‌ରତ୍ ଉମର ବିନ୍ ଖତାବ୍ ର:ଅ ତାଙ୍କ ନିକଟକୁ ଆସି କହିଲେ ହେ ଅବୁ ସାଏବ୍ ! ଅର୍ଥାତ୍ ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅଙ୍କୁ କହିଲେ ଯେ ଅଲ୍ଲାଃତାଲା ତୁମକୁ କ୍ଷମା ଦିଅନ୍ତୁ ତାହା କିପ୍ରକାର ନାମ ଥିଲା ଯାହାକୁ ଧରି ତୁମେ ମତେ ଡ଼ାକିଲ ଏହା କିଛି ଡ଼ାକିଥିଲ **ଗଲ୍‌କଲ୍ ଫିତ୍‌ନତିହି** । ଏଥିରେ ସେ କହିଲେ ନୁହେଁ ଈଶ୍ୱରଙ୍କ ରାଣ ! ଆପଣଙ୍କର ସେହି ନାମ ମୁଁ ରଖିନାହିଁ । ମୁଁ ଯେଉଁ ନାମରେ ଡ଼ାକିଥିଲି ତାହା ମୁଁ କହିନାହିଁ ବରଂ ରସୁଲୁଲ୍ଲାଃ ସ:ଆ:ସ ଆପଣଙ୍କର ଏପରି ନାମ ରଖିଛନ୍ତି । ପୁଣି କହିଲେ ଯେ ହଜୁର ସ:ଆ:ସ କାଫିଲାର ଆଗରେ ଅଛନ୍ତି ଆପଣ ତାଙ୍କଠାରୁ ପଚାରି ବୁଝିପାରିବେ । ପୁଣି ବ୍ୟାଖ୍ୟା କଲେ ଯେ ଏକଦା ହଜ୍‌ରତ୍ ଉମର୍ ର:ଅ ଆମ ନିକଟରେ ଗଲେ ଯେବେ କି ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବସିଥିଲୁ । ରସୁଲୁଲ୍ଲାଃ ସ:ଆ:ସ କହିଲେ ଏହି ବ୍ୟକ୍ତି ଜଣକ ହେଉଛନ୍ତି **ଗଲ୍‌କୁଲ୍ ଫିତ୍‌ନତି** ଅର୍ଥାତ୍ ଫିତ୍‌ନାର ମାର୍ଗରେ ପ୍ରତିବନ୍ଧକ । ଏହା କହି ଆପଣ ସ:ଆ:ସ ନିଜ ହାତରେ ଇଶାରା କଲେ ଯେ ତୁମ ମଧ୍ୟରେ ଓ ଫିତ୍‌ନା (ବିଭ୍ରାଟ) ମଧ୍ୟରେ ଗୋଟିଏ କବାଟ ଥିବ ଯାହା ବହୁତ ଜୋର୍‌ରେ ବନ୍ଦ ରହିବ, ଯେ ପର୍ଯ୍ୟନ୍ତ ଏହି ବ୍ୟକ୍ତି ତୁମ ମଧ୍ୟରେ ଜୀବିତ ରହିବ । ***(ମୋଅଯମୁଲ୍ କବୀର୍ ଲି ତିବ୍‌ରାନୀ ଖଣ୍ଡ-୯, ପୃ-୩୮-୩୯......ହଦିସ୍ ୮୩୨୧.....ବେରୁତ ୨୦୦୨) (ଫହ୍‌ରଙ୍ଗ ସିରତ୍ ଅଜ୍ ସୟଦ୍ ଫଜ୍‌ଲୁର୍ ରହମାନ, ପୃ-୨୯......କରାଚି ୨୦୦୩)*** ଅର୍ଥାତ୍ ଯେ ପର୍ଯ୍ୟନ୍ତ ହଜ୍‌ରତ୍ ଉମର୍‌ଙ୍କ ଜୀବନ ଥିବ କୌଣସି ପ୍ରକାରର ବିଭ୍ରାଟ ଇସ୍‌ଲାମ୍‌ରେ ହେବ ନାହିଁ । ଇତିହାସ ମଧ୍ୟ ଏହା ବତାଉଛି । ତାଙ୍କ ପରେ ଅଧିକା ଫିତ୍‌ନା (ବିଭ୍ରାଟ) ଆରମ୍ଭ ହେଲା ।

ଏଠାରେ ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ସମ୍ବନ୍ଧରେ ଯେଉଁ ଶବ୍ଦ **ଗଲ୍‌କୁଲ୍ ଫିତ୍‌ନତି** ବ୍ୟବହାର କରିଛନ୍ତି, ଏହାର ବିବରଣୀ ବର୍ଣ୍ଣନା କରୁଅଛି । ହଜ୍‌ରତ୍ ହୁଜୈଫା ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆମେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ବସିଥିଲୁ ସେ କହିଲେ ଯେ ତୁମମାନଙ୍କ ମଧ୍ୟରୁ କିଏ ଫିତ୍‌ନା ସମ୍ବନ୍ଧିୟ କଥା ଆଁ ହଜ୍‌ରତ୍ ସ:ଆ:ସଙ୍କର ମନେ ରଖିଛ । ମୁଁ କହିଲି ମୁଁ ରଖିଛି । ସମ୍ପୂର୍ଣ୍ଣ ରୂପେ ସେହିପରି ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କହିଥିଲେ । ଏଥବରେ ହଜ୍‌ରତ୍ ଉମର ର:ଅ କହିଲେ ଯେ ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବହୁତ ସାହାସ ଦେଖାଇଛ ଅର୍ଥାତ୍ ତୁମକୁ ବହୁତ ବିଶ୍ୱାସ ଅଛି ଓ ତୁମେ ବହୁତ ସାହାସର ସହ କଥା ହେଉଛ । ମୁଁ କହିଲି ମଣିଷକୁ ବିପତି ତା ସ୍ତ୍ରୀ, ତା ଧନ ଓ ତା ସନ୍ତାନ ଓ ପଡ଼ୋଶୀମାନଙ୍କ ଦ୍ୱାରା ଆସିଥାଏ । ଏହା ମଧ୍ୟ ଫିତ୍‌ନା (ଅର୍ଥାତ୍ ବିଭ୍ରାଟ) । ନମାଜ, ରୋଜା, ସଦ୍‌କା ଏବଂ ପୁଣ୍ୟକାର୍ଯ୍ୟ କରିବାର ହୁକୁମ୍ ଏବଂ ଖରାପ କାର୍ଯ୍ୟରୁ ରୋକିବା ଦ୍ୱାରା ଏହି ବିପତି ଦୂର ହୋଇଯାଇଥାଏ । ହଜ୍‌ରତ୍ ଉମର କହିଲେ ମୋର କହିବାର ଅର୍ଥ ଏହା ନୁହେଁ ବରଂ ଏପରି ଫିତ୍‌ନା ଯାହା ସମୁଦ୍ରର ଲହଡ଼ି ପରି ବହୁତ ଭିଷଣ ଫିତ୍‌ନା ଯାହା ଏ ସମ୍ପ୍ରଦାୟରେ ଆସିବାକୁ ଅଛି । ହଜ୍‌ରତ୍ ହୁଜୈଫା କହିଲେ ହେ ଅମୀରୁଲ୍ ମୁମେନିନ୍ ! ଆପଣଙ୍କୁ ଏହା ଦ୍ୱାରା କୌଣସି ବିପଦ ନାହିଁ । ଯେଉଁ ଫିତ୍‌ନା ହେବାକୁ ଅଛି ତାଦ୍ୱାରା ଆପଣଙ୍କୁ କିଛି ବିପଦ ନାହିଁ । ଆପଣଙ୍କ ଜୀବନରେ ତାହା ହେବନାହିଁ କାରଣ ଆପଣ ଓ ତା ମଧ୍ୟରେ ଗୋଟିଏ ବନ୍ଦ କବାଟ ରହିଛି । ଏଥିରେ ହଜ୍‌ରତ୍ ଉମର କହିଲେ କଣ ତାହା ଭଙ୍ଗାଯବ ବା ଖୋଲାଯିବ ? ସେ ସେହି କଥା ବର୍ଣ୍ଣନା କଲେ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ ତାଙ୍କ ମଧ୍ୟରେ ଏକ ବନ୍ଦ କବାଟ ରହିଛି । ଏଥିରେ ହଜ୍‌ରତ୍ ଉମର୍ ପଚାରିଲେ ଯେ ସେହି କବାଟ ଭଙ୍ଗାଯିବ କି ଖୋଲାଯିବ ? ସେ କହିଲେ ଭଙ୍ଗାଯିବ । ଏପରି କବାଟକୁ ତ ଭଙ୍ଗାଯିବ । ଏଥିରେ ହଜ୍‌ରତ୍ ଉମର ର:ଅ କହିଲେ ତେବେ ତ କେବେ ବି ବନ୍ଦ ହେବ ନାହିଁ । ଯଦି କବାଟ ଖୋଲାଯାଏ ତେବେ ବନ୍ଦ ହେବାର ଅବକାଶ ଅଛି କିନ୍ତୁ ଯଦି ଭଙ୍ଗାଯାଏ ତେବେ ତାହା ବନ୍ଦ କରିବା କଷ୍ଟକର କାର୍ଯ୍ୟ । ହଜ୍‌ରତ୍ ଉମର୍ ର:ଅ କହିଲେ ତେବେ ତ ଏହା କେବେ ମଧ୍ୟ ବନ୍ଦ ହେବନାହିଁ । ଅର୍ଥାତ୍ ଫିତ୍‌ନା ହୋଇଚାଲିବ ଯଦିଥରେ ଆରମ୍ଭ ହୋଇଯାଏ । ଆମେ ଦେଖୁଛେ ଯେ ସେହି ଫିତ୍‌ନା ମୁସଲମାନ ସମ୍ପ୍ରଦାୟରେ ବଢ଼ି ଚାଲିଲା । ଗୋଟିଏ ପରେ ଗୋଟିଏ ଫିତ୍‌ନା ସୃଷ୍ଟି ହୋଇ ଚାଲିଲା । ହଜ୍‌ରତ୍ ଉସ୍ମାନଙ୍କ ଯୁଗରେ ହଜ୍‌ରତ୍ ଅଲୀଙ୍କ ଯୁଗରେ ପୁଣି ପରବର୍ତୀ ସମୟରେ ଓ ଏ ପର୍ଯ୍ୟନ୍ତ ସେହି ଫିତ୍‌ନା ଚାଲିଛି ଯାହା ମୁସଲ୍‌ମାନମାନଙ୍କ ମଧ୍ୟରେ ଜାରି ରହିଛଇ । ଜଣେ ଅନ୍ୟ ଜଣଙ୍କ ଜୀବନ ଶତ୍ରୁ ହୋଇଛି ଓ ସେହି କବାଟ ପଛକୁ ଏମାନେ ଆସିବାକୁ ଚାହୁଁନାହାନ୍ତି ଯାହାକୁ ଅଲ୍ଲାଃ ତାଲା ସେ ଯୁଗରେ ସେହି କବାଟକୁ ବନ୍ଦ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ପ୍ରତିଷ୍ଠା କରିଛନ୍ତି । ତେଣୁ ସେହି ଫିତ୍‌ନା ବଢ଼ି ଚାଲିଛଇ । ଅଲ୍ଲାଃ ତାଲା ଆମକୁ ସୁରକ୍ଷିତ ରଖନ୍ତୁ ଯେ ଆମେ ଅହେମଦୀମାନେ ସେହି ଢ଼ାଲ ପଛପଟେ ରହୁ । ଏପରି ବାର୍ତାଳପ ଚାଲିଥିଲା । ହଜ୍‌ରତ୍ ଉମର୍ ର:ଅ କହିଲେ ଏହି ଫିତ୍‌ନା ପୁଣି କେବେ ବନ୍ଦ ହେବନାହିଁ ଏଥିରେ ଆମେ ତାଙ୍କୁ କହିଲୁ । ସେହି ଲୋକମାନେ ଯେଉଁମାନେ ତାଙ୍କ ସହିତ ବସିଥିଲେ ସେମାନେ ହଜ୍‌ରତ୍ ହୁଜୈଫାଙ୍କୁ ପଚାରିଲେ କଣ ହଜ୍‌ରତ୍ ଉମର୍ ର:ଅ ସେହି କବାଟକୁ ଜାଣିଥିଲେ ? ହଜ୍‌ରତ୍ ହୁଜୈଫା କହିଲେ ସେ ଏକଥା ଏପରି ଜାଣିଥିଲେ ଯେପରି କାଲି ପୂର୍ବରୁ ରାତି ଅର୍ଥାତ୍ ସମ୍ପୁର୍ଣ୍ଣ ନିଶ୍ଚିତ କଥା ଥିଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ଜଣାଥିଲା ଯେ ମୋ ଘରେ ପୁଣି ଫିତ୍‌ନା ସୃଷ୍ଟି ହେବ ।

***(ସହି ବୁଖାରୀ..... ହଦୀସ୍ ୫୨୫)***

ହଜ୍‌ରତ୍ ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅ ପ୍ରଥମ ମୁହାଜିର ଥିଲେ ଯିଏ ମଦିନାରେ ମୃତ୍ୟୁବରଣ କରିଛନ୍ତି । ସେ ଦୁଇ ହିଜିରିରେ ଦେହ ତ୍ୟାଗ କରିଥିଲେ । କେତେକଙ୍କ ମତରେ ତାଙ୍କର ଦେହାନ୍ତ ବଦର ଯୁଦ୍ଧରେ ୨୨ମାସ ପରେ ହୋଇଥିଲା ଓ ସେ ଜନ୍ନତୁଲ୍ଲ ବକିଇରେ ଦଫନ ହୋଇଥିବା ପ୍ରଥମ ବ୍ୟକ୍ତି ଥିଲେ ।

***(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୫୧, ‘‘ଉସ୍ମାନ୍ ବିନ୍ ମଜ୍ଉନ୍ ର:ଅ’’, ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)***

ସେ ଯାହା ହେଉ ତାଙ୍କ ସମ୍ବନ୍ଧରେ ଆଉ କିଛି କଥା ମଧ୍ୟ ଅଛି ଯାହା ମୁଁ ଇନ୍‌ଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା କରିବି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଅଧିକା ଈଶ୍ୱରଙ୍କର କେହି ପ୍ରୀୟ ନୁହନ୍ତି, ଆପଣ ସ:ଆ:ସ ହେଉଛନ୍ତି ହବିବେ ଖୁଦା (ଅର୍ଥାତ୍ ଈଶ୍ୱରଙ୍କ ପ୍ରୀୟତମ) କିନ୍ତୁ ଅଲ୍ଲାଃ ତାଲାଙ୍କର ଶକ୍ତି ଓ ତାହାଙ୍କୁ ଭୟ କରିବାର ଅବସ୍ଥା ଏପରି ଥିଲା ଯେ ସେ ନିଜ ସମ୍ବନ୍ଧରେ ମଧ କହୁଛନ୍ତି ଯେ, ମୁଁ ଜାଣିନାହିଁ କି ମୋ ସହିତ କି ପ୍ରକାର ବ୍ୟବହାର କରାଯିବ, ସୁତରାଂ ଆମ ପାଇଁ କେଡ଼େ ଭୟ କରିବାର ସ୍ଥାନ ଓ ଆମକୁ କେତେ ମାତ୍ରାରେ ଚିନ୍ତା ରହିବା ଉଚିତ ଯେ ଆମେ କିପରି ପୂଣ୍ୟ କର୍ମ କରିବା ଓ ଈଶ୍ୱରଙ୍କ ଉପାସନା କରିବା ପ୍ରତି ଧ୍ୟାନ ଦେବା ।**

**ହଜ୍‌ରତ୍ ଜୟଦ୍ ର:ଅ କହିଲେ ଯେ ମୁଁ ଜୀବିତ ବଂଚି ଆସେ ବା ନ ଆସେ କିନ୍ତୁ ଏହା ବାସ୍ତବରେ ସତ୍ୟ ଅଟେ ଯେ, ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ଅଲ୍ଲାଃଙ୍କ ସଚ୍ଚା ରସୁଲ୍ ଏବଂ ନବୀ ।**

**ଏହି ପ୍ରାରମ୍ଭିକ ମୁଅଲ୍ଲିମ୍‌ମାନେ ସିନ୍ଧ୍ ଇଲାକାରେ ବହୁତ ବଡ଼ କୁର୍ବାନୀ ଅର୍ଥାତ୍ ବଳୀଦାନ କରି ଜୀବିକା ନିର୍ବାହ କରିଛନ୍ତି ନିଜେ ପାଣି ଦୁର ଦୁରାନ୍ତ ଅଚଂଳରୁ କାନ୍ଧରେ ବୋହି ଆଣୁଥିଲେ, ମାଟି ଏକାଠି କରି ଇଟା ବନାଇଛନ୍ତି ଓ ପୁଣି ନିଜେ ହିଁ ନିଜର ରହିବା ପାଇଁ ଘର ବନାଇଲେ କିନ୍ତୁ ଯମାତ୍‌ଠାରୁ କୌଣସି ଜିନିଷ ମାଗିଲେ ନାହିଁ ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲା ସ:ଆ:ସଙ୍କ ବଦ୍‌ରୀ ସାହାବି ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ ଏବଂ ହଜ୍‌ରତ୍ ୱ୍ହବ ବିନ୍ ସାଆଦ୍ ବିନ୍ ଅବି ସରହ ରଜିଅଲ୍ଲାହୁ ଅନ୍‌ହୁମ୍ ୱ ରଜୁ ଅନହୁଙ୍କ ଜୀବନ ଚରିତର ମନ ମୁଗ୍ଧକାରୀ ଚର୍ଚ୍ଚା ।**

**ମୁକ୍‌ରମ୍ ମଲକ୍ ମୁହମ୍ମଦ୍ ଅକ୍‌ରମ୍ ସାହେବ ମୁବ୍‌ଲିଗ୍ ସିଲ୍‌ସିଲାଙ୍କ ଦେହାନ୍ତରେ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯୁମା ପାଠପରେ ତାଙ୍କର ଉପସ୍ଥିତ ନମାଜ ଯନାଜାଃ ପାଠ ।**

**ମୁକ୍‌ରମ୍ ଚୌଧରୀ ଅବଦୁଶ୍ ଶକୁର୍ ସାହେବ ମୁବ୍‌ଲିଗ ସିଲ୍‌ସିଲା, ମୁକ୍‌ରମ ମଲକ୍ ସ୍ୱାଲେହ୍ ମୁହମ୍ମଦ ସାହେବ ମୁଅଲିମ୍ ୱ୍‌କଫେ ଯଦିଦ୍ ଏବଂ ମୁକ୍‌ରମ୍ ମୋୟିଶେହ୍ ଯୁମା ସାହେବ ଅଫ୍ ତନ୍‌ଜାନିୟାଙ୍କ ଦେହାନ୍ତରେ ସେ ସମସ୍ତଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ଯୁମା ନମାଜ୍ ପାଠପରେ ସେମାନଙ୍କର ନମାଜ୍ ଯନାଜାଃ ଗାଏବ୍ ପାଠ ।**

## ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୬ ଏପ୍ରିଲ୍ ୨୦୧୯ ଅନୁଯାୟୀ ୨୬ ଶାହାଦତ୍ ୧୩୯୮ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ۔ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِينَ ۔ اَلرَّحْمٰنِ الرَّحِيمِ ۔ مٰلِكِ يَوْمِ الدِّينِ ۔ إِيَّاكَ نَعْبُدُ وَإِيَّاكَ نَسْتَعِينُ ۔
اِهْدِنَا الصِّرَاطَ الْمُسْتَقِيمَ ۔ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ۔

ବିଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ବିଷୟରେ ବର୍ଣ୍ଣନା କରି ଏତିକିରେ ନିଜର କଥାକୁ ଶେଷ କରିଥିଲି ଯେ ସେ ଜନ୍ନତୁଲ୍ ବକିଇରେ ଦଫନ ହୋଇଥିବା ଅର୍ଥାତ୍ କବର ପାଇଥିବା ପ୍ରଥମ ବ୍ୟକ୍ତି ଥିଲେ ।

*(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୯୧, ''ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)*

ଜନ୍ନତୁଲ୍ ବକିଇର ମୂଳଦୁଆ ଓ ସୁଭାରମ୍ଭ ସମ୍ବନ୍ଧରେ ଯାହା କିଛି ବିବରଣୀ ହସ୍ତଗତ ହୋଇଛି ତାହା ହେଉଛି ଏପରି କି, ଆଁ ହଜ୍‌ରତ୍ ସ:ଆ:ସଙ୍କ ମଦିନାରେ ପଦାର୍ପଣ କରିବା ପରେ ସେଠାରେ ବହୁତ ଗୁଡ଼ିଏ କବରସ୍ତାନ୍ ଥିଲା । ଇହୁଦୀମାନଙ୍କର ନିଜର କବର୍‌ସ୍ତାନ ଥିଲା ଯେବେକି ଆରବର ବିଭିନ୍ନ କବିଲାମାନଙ୍କର ନିଜ ନିଜର କବରସ୍ତାନ୍ ଥିଲା କାରଣ ମଦିନା ସେତେବେଳେ ବିଭିନ୍ନ ଇଲାକାରେ ବାଟିଂ ହୋଇ ରହିଥିଲା । ସେଥିଯୋଗୁଁ ପ୍ରତ୍ୟେକ କବିଲା ନିଜ ନିଜ ଇଲାକାର ଖୋଲା ସ୍ଥାନରେ ନିଜ କବିଲାର ମୃତକଙ୍କୁ କବର ଦେଉଥିଲେ । କୁବାର ଅଲଗା କବରସ୍ତାନ୍ ଥିଲା ତାହା ବହୁତ ପ୍ରସିଦ୍ଧ ମଧ ଥିଲା ଯେବେ କି ସେଠାରେ ଆହୁରି ଅନେକ ଛୋଟ ଛୋଟ କବରସ୍ତାନ ମଧ ଥିଲା । କବିଲା ବନୁ ଜଫର୍‌ର ନିଜର କବରସ୍ତାନ ଥିଲା ସେହିପରି ବନୁ ସଲ୍‌ମାର ମଧ ନିଜର ଅଲଗା କବରସ୍ତାନ ଥିଲା ଅନ୍ୟାନ୍ୟ କବରସ୍ତାନ ମଧରେ ବନୁ ସାଇଦାର କବରସ୍ତାନ ଥିଲା ଯେଉଁ ସ୍ଥାନରେ ପରେ ସୁକୁନ୍ ନବି ସ:ଆ:ସ ପ୍ରତିଷ୍ଠା ହେଲା । ଯେଉଁ ସ୍ଥାନରେ ମସ୍‌ଜିଦ୍ ନବୱି ସ:ଆ:ସ ନିର୍ମାଣ ହୋଇଛି ସେଠାରେ ମଧ ଖଜୁରୀ ବୁଦା ମଧରେ କିଛି ମୁଶ୍‌ରିକ୍ ଅର୍ଥାତ୍ ବହୁ ଈଶ୍ୱରବାଦୀ ଓ ପ୍ରତିମା ପୂଜକଙ୍କ କବର ଥିଲା । ସେ ସମସ୍ତ କବରସ୍ତାନ ମଧରେ ***ବକିଉଲ୍ ଗର୍‌କଦ୍*** ସବୁଠାରୁ ପୁରୁଣା ଓ ପ୍ରସିଦ୍ଧ କବରସ୍ତାନ ଥିଲା । ଏବଂ ପୁଣି ଯେବେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ମୁସଲ୍‌ମାନମାନଙ୍କ କବରସ୍ତାନ ନିମନ୍ତେ ଚୟନ କଲେ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ତାହାକୁ ଏକ ସ୍ୱତନ୍ତ୍ର ପଦମର୍ଯ୍ୟଦା ହାସଲ ହୋଇଛି ଓ ସଦାସର୍ବଦା ହୋଇରହିବ ।

ହଜ୍‌ରତ୍ ଉବୈଦୁଲ୍ଲାଃ ବିନ୍ ଅବି ରାଫେ ର:ଅଙ୍କ ଠାରୁ ବର୍ଣ୍ଣିତ ଯେ, ରସୁଲୁଲ୍ଲାଃ ସ:ଆ:ସ ଏପରି ଏକ ସ୍ଥାନର ସନ୍ଧାନରେ ଥିଲେ ଯେ, ଯେଉଁଠାରେ କେବଳ ମୁସଲ୍‌ମାନମାନଙ୍କର କବର ରହିବ ଓ ଏଥିପାଇଁ ଆଁ ହଜ୍‌ରତ୍ ସ:ଆ:ସ ବିଭିନ୍ନ ସ୍ଥାନକୁ ମଧ ନିରିକ୍ଷଣ କଲେ ଅର୍ଥାତ୍ ଯାଇ ଦେଖିଲେ । ଏ ସୌଭାଗ୍ୟ ***ବକିଉଲ୍ ଗର୍‌କଦ*** ର ଭାଗରେ ଲେଖା ଥିଲା । ରସୁଲୁଲ୍ଲାଃ ସ:ଆ:ସ ନିର୍ଦ୍ଦେଶ ଦେଲେ ଯେ ମୋତେ ହୁକୁମ୍ ହୋଇଛି ଯେ ମୁଁ ଏହି ସ୍ଥାନକୁ ଅର୍ଥାତ୍ ***ବକିଉଲ୍ ଗର୍‌କଦ*** କୁ ଚୟନ କରିନେବି । ଏହାକୁ ସେ ଯୁଗରେ ***ବକିଉଲ୍ ଖବ୍‌ଖବାଃ*** କୁହାଯାଉଥିଲା । ସେଥିରେ ଅଗଣତି ଗର୍‌କଦ ବୃକ୍ଷ ଓ କଂଟାବୁଦା ଭରି ରହିଥିଲା । ମଶା ଓ ଅନ୍ୟାନ୍ୟ ସରୀସୃପ ଜାତିର ପ୍ରାଣୀ ସେଠାରେ ଭରି ରହିଥିଲେ ଏବଂ ମଶାମାନେ ଯେତେବେଳେ ଅସନା ଯୋଗୁଁ ବା ଜଙ୍ଗଲ ଯୋଗୁଁ ସେଠାରୁ ଉଡୁଥିଲେ ଏପରି ଲାଗୁଥିଲା ଯେମିତି ଧୂଆଁର ବାଦଲ ଛାଇ ଯାଇଛି ।

ସେଠାରେ ସର୍ବ ପ୍ରଥମେ ଯାହାଙ୍କୁ ଦଫନ କରାଗଲା ଓ ଯେପରି କି ବର୍ଣ୍ଣନା ହୋଇସାରିଛି, ସେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ ର:ଅ ଥିଲେ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କ କବରର ମୁଣ୍ଡ ପାଖରେ ଗୋଟିଏ ପଥର ଚିହ୍ନ ଆକାରରେ ରଖିଦେଲେ ଓ କହିଲେ ଇଏ ଆମର ଲିଡ଼ର । ତାଙ୍କ ପରେ ଯେବେ ମଧ କାହାର ମୃତ୍ୟୁ ହୋଇଥାଏ ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ପଚାରି ବୁଝିଥାନ୍ତି ଯେ, ତାଙ୍କୁ କେଉଁଠାରେ ଦଫନ କରାଯିବ ସେତେବେଳେ ଆପଣ ସ:ଆ:ସ ଉତର ଦେଇଥାନ୍ତି ଯେ, ଆମ ଲିଡ଼ର ଉସ୍‌ମାନ୍ ବିନ୍ ମଜ୍‌ଉନ ର:ଅଙ୍କ ନିକଟରେ । ଆରବୀ ଭାଷାରେ ବକିଇ ଶବ୍ଦଟି ଏପରି ସ୍ଥାନକୁ ବୁଝାଇଥାଏ ଯେଉଁଠି ଘନ ବୃକ୍ଷମାନ ରହିଥାନ୍ତି ଅର୍ଥାତ୍ ବହୁ ମାତ୍ରାରେ ବୃକ୍ଷମାନ ଥାଆନ୍ତି । ମଦିନା ତୟବାରେ ସେହି ସ୍ଥାନକୁ ***ବକିଉଲ୍ ଗର୍‌କଦ*** ନାମରେ ଜଣାଗଲା କାରଣ ସେଠାରେ ଗର୍‌କଦ୍‌ର ବୃକ୍ଷ ବହୁ ମାତ୍ରାରେ ଥିଲା । ଏତତ୍‌ବ୍ୟତୀତ ସେଠାରେ ଅନ୍ୟାନ୍ୟ କଂଟକ ପୂର୍ଣ୍ଣ ମରୁଭୁମି ଯନିତ ବୁଦାମାନ ମଧ ବହୁ ମାତ୍ରାରେ ଥିଲା । ତାକୁ ଜନତୁଲ୍ ବକିଇ ମଧ କୁହାଯାଏ । ଆରବୀ ଭାଷାରେ ଜନ୍ନତ ଶବ୍ଦର ଅର୍ଥ ହେଉଛି ବଗିଚା ବା ଫିରଦୋସ୍ । ସେଥିପାଇଁ ଏହି ସ୍ଥାନଟି ଅଧିକନ୍ତୁ ଅଣ ଆରବୀୟ ପରିଭ୍ରମଣକାରୀଙ୍କ ମଧରେ ଜନ୍ନତୁଲ୍ ବକିଇ ନାମରେ ଜଣାଯାଇଥାଏ । ଏହି ବିବରଣୀ ଅବଦୁଲ୍ ହମିଦ୍ କାଦିର୍ ସାହେବ ଲେଖିଛନ୍ତି । ପୁଣି ସେ କହୁଛନ୍ତି ଯେ, ଆମକୁ ଏ କଥା ଭୁଲିବା ଉଚିତ୍ ନୁହେଁ ଯେ ଆରବୀୟମାନେ ସାଧାରଣତଃ ନିଜ କବର ଓ କବରସ୍ତାନକୁ ଜନ୍ନତ କହି ଡ଼ାକିଥାନ୍ତି । ତାହାର ଆଉଗୋଟିଏ ନାମ ହେଉଛି ମକାବିରୁଲ୍ ବକିଇ ଯାହା ଆରବୀୟମାନଙ୍କ ମଧରେ ବହୁ ପ୍ରସିଦ୍ଧ ।

*(ଉଦ୍ଧୃତ ଯୁସ୍‌ତୁଯୁଏ ମଦିନା ଲେଖକ ଅବଦୁଲ୍ ହମିଦ୍ କାଦିର୍ ସାହେବ ପୃ-୫୯୮, ମୁଦ୍ରଣ ଓରିଏଂଟାଲ୍ ପବ୍ଲିକେଶନ୍ ଲାହୋର ପାକିସ୍ତାନ ୨୦୦୭)*

ମରୁଭୁମିରେ ବସବାସ କରୁଥିବା ଲୋକେ ଓ ଗ୍ରାମାଚଂଳରେ ରହୁଥିବା ଲୋକମାନଙ୍କ ମଧରେ ଏହା ଅଧିକ ପ୍ରସିଦ୍ଧ । ହଜ୍‌ରତ୍ ସାଲିମ୍ ବିନ୍ ଅବଦୁଲ୍ଲାଃ ର:ଅ ନିଜ ବାପାଙ୍କଠାରୁ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ କିଏ ମୃତ୍ୟୁବରଣ କରିଥାଏ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ କହିଥାନ୍ତି ତାକୁ ଆମ ପୂର୍ବରୁ ଯାଇଥିବା ଲୋକମାନଙ୍କ ନିକଟକୁ ପଠାଇଦିଅ । ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ ମୋ ଉମ୍ମତ୍‌ର କେଡ଼େ ଭଲ ଅଗ୍ରଣୀ ପୁର୍ବଜ ଥିଲେ ।

*(ମୁଅଜମୁଲ୍ କବୀର୍ ଲିତବ୍‌ରାନି ଖଣ୍ଡ-୧୨, ପୃ-୨୨୮, ହଦିସ୍ ସଂଖ୍ୟା-୧୩୧୬୦.... ବେରୁତ ୨୦୦୨)*

ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ ରିୱାୟତ କରୁଛନ୍ତି ଯେ, ଯେତେବେଳେ ଉସ୍‌ମାନ ର:ଅଙ୍କ ଦେହାନ୍ତ ହେଲା ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ଲାସ୍ ନିକଟକୁ ଆସିଲେ । ଆପଣ ସ:ଆ:ସ ତାଙ୍କ ଉପରେ ତିନିଥର ମୁଣ୍ଡ ନୁଆଁଇ ଉଠାଇଲେ ଓ ବଡ଼ ପାଟିରେ କହିଲେ ହେ ଅବୁ ସାଏବ୍ ! ଅଲ୍ଲାଃ ତୁମକୁ କ୍ଷମା କରନ୍ତୁ । ତୁମେ ସଂସାରରୁ ଏପରି ଅବସ୍ଥାରେ ଚାଲିଯାଇଛ ଯେ ଏ ସଂସାରର କୌଣସି ବସ୍ତୁ ସହିତ ତୁମେ ଲିପ୍ତ ହୋଇ ରହିନାହ ।

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ. ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍

ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଲାସ୍‌କୁ ଚୁମ୍ବନ ଦେଲେ ଓ ସେତେବେଳେ ଆପଣ ସ:ଆ:ସ କାନ୍ଦୁଥିଲେ । ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ. ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ମୃତ୍ୟୁ ପରେ ତାଙ୍କୁ ଚୁମ୍ବନ ଦେଲେ । ସେ କହୁଛନ୍ତି କି, ସେତେବେଳେ ମୁଁ ଲକ୍ଷ କରିଥିଲି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ଅଶ୍ରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଗାଲ ଉପରେ ବୋହି ପଡୁଥିଲା । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ପୁତ୍ର ଇବ୍ରାହିମ୍‌ଙ୍କ ଦେହାନ୍ତ ହେଲା ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ କହିଲେ **ଅଲ୍‌ହିକ୍ ବିସ୍‌ସଲଫିସ୍ ସ୍ୱାଲେହ୍ ଉସ୍‌ମାନ୍ ଇବ୍‌ନେ ମଜ୍‌ଉନ୍** ଅର୍ଥାତ୍ ପୁବର୍ଜ ସଦାଚାରୀ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ସହିତ ଯାଇ ମିଶିଯାଅ ।

*(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୯୧, ''ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୩, ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି, ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ନମାଜ ଯନାଜାଃ ପଢ଼ାଇଲେ ଓ ସେଥିରେ ଚାରିଥର ତକ୍‌ବିରାତ୍ କହିଲେ ।

*(ସୁନନେ ଇବ୍‌ନେ ମାଯାଃ କିତାବୁଲ୍ ଜନାଇଜ୍....... ହଦିସ୍ ସଂଖ୍ୟା-୧୫୦୨)*

କିଛି ଲୋକ ବେଳେବେଳେ ଏହି କଥା କହିଥାନ୍ତି କି, ତିନ ରୁ ଅଧିକା ହେଇପାରିବ ନାହିଁ । ଚାରି ତକ୍‌ବିରାତ୍ ମଧ୍ଧ ହୋଇପାରିବ । ମୁତ୍‌ଲିବ୍ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନଙ୍କ ଦେହାନ୍ତ ହେଲା, ତାଙ୍କର ଯନାଜାଃ ବାହାର କରାଗଲା ଓ ପୁଣି ତାଙ୍କୁ କବର ଦିଆଗଲା ସେତେବେଳେ ନବୀ କରିମ୍ ସ:ଆ:ସ ଜଣେ ବ୍ୟକ୍ତିଙ୍କୁ ଏ ନିର୍ଦ୍ଦେଶ ଦେଲେ ଯେ ସେ ଗୋଟିଏ ପଥର ନେଇ ଆସନ୍ତୁ ତାଙ୍କ ଦ୍ୱାରା ସେହି ପଥର ଉଠାଯାଇ ପାରିଲାନାହିଁ କାରଣ ପଥରଟି ବହୁତ ଭାରି ଥିଲା ଏଥିରେ ରସୁଲୁଲ୍ଲାଃ ସ:ଆ:ସ ସେହି ପଥର ନିକଟକୁ ଗଲେ ଓ ନିଜର ଦୁଇ ହାତରେ ଥିବା କପଡ଼ାକୁ ଉପରକୁ ଉଠାଇଲେ ଅର୍ଥାତ୍ କୁର୍ତାର ହାତକୁ ଉପରକୁ ଉଠାଇଲେ । ମୁତ୍‌ଲିବ୍ କହୁଛନ୍ତି ଯେଉଁ ବ୍ୟକ୍ତି ଏହି ଘଟଣା ବର୍ଣ୍ଣନା କରିଛନ୍ତି ସେ କହିଲେ ଯେ, ଯେପରି ମୁଁ ବର୍ତମାନ ମଧ୍ଧ ରସୁଲୁଲ୍ଲାଃ ସ:ଆ:ସଙ୍କ ଦୁଇହାତରେ ଥିବା ଧଳା ରଙ୍ଗକୁ ଦେଖୁଅଛି । ଏବେ ବି ମୋତେ ଉକ୍ତ ଘଟଣାଟି ବହୁତ ଭଲଭାବେ ମନେ ଅଛି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ହାତ ଯୁଗଳ ଅତ୍ୟନ୍ତ ସୁନ୍ଦର ଥିଲା । ସେ ହାତର ଗୋରା ରଙ୍ଗ ମୋତେ ଏବେ ମଧ୍ଧ ଦେଖାଯାଉଅଛି, ଯେବେ ଆପଣ ସ:ଆ:ସ ହାତ ଉପରୁ କପଡ଼ା ଉଠାଇଥିଲେ । ପୁଣି ଆପଣ ସ:ଆ:ସ ଉକ୍ତ ପଥରଟିକୁ ଉଠାଇ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍‌ଙ୍କ କବରର ମୁଣ୍ଡ ପଟେ ରଖିଦେଲେ ଓ କହିଲେ ଯେ ମୁଁ ଏହି ଚିହ୍ନ ଜରିଆରେ ନିଜ ଭାଇର କବରକୁ ଚିହ୍ନି ନେବି ଓ ମୋ ଘର ଲୋକମାନଙ୍କ ମଧ୍ଧରୁ ଯାହାଙ୍କର ଦେହାନ୍ତ ହେବ ମୁଁ ତାଙ୍କୁ ଆଙ୍କ ନିକଟରେ ଦଫନ କରିବି ।

*(ସୁନନେ ଅବି ଦାଉଦ୍, କିତାବୁଲ୍ ଯନାଇଜ୍...... ହଦିସ୍ ୩୨୦୬)*

ହଜ୍‌ରତ୍ ମିର୍ଜା ବଶିର୍ ଅହମଦ ସାହେବ ର:ଅ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଦେହାନ୍ତ ସମ୍ବନ୍ଧରେ ଯେଉଁ ବିବରଣୀ ବର୍ଣ୍ଣନା କରିଛନ୍ତି ସେଥିରୁ କିଛି କଥା ଉପସ୍ଥାପନ କରୁଅଛି । ହଜ୍‌ରତ୍ ମିର୍ଜା ବଶିର୍ ଅହମଦ ସାହେବ ର:ଅ ଦୁଇ ହିଜରିର ଘଟଣା ଗୁଡ଼ିକ ବର୍ଣ୍ଣନା କରି କହୁଛନ୍ତି ଯେ ''ସେହି ବର୍ଷର ଶେଷ ଭାଗରେ ଆଁ ହଜ୍‌ରତ୍ ସ:ଆ:ସ ନିଜ ସାହାବାମାନଙ୍କ ନିମନ୍ତେ ଗୋଟିଏ କବରସ୍ତାନର ପ୍ରବନ୍ଧ କଲେ । ଯାହାକୁ ଜନ୍ନତୁଲ୍ ବକିଇ କୁହାଯାଉଥିଲା । ଏହାପରେ ସାଧାରଣତଃ ସାହାବାମାନେ ସେହି କବରସ୍ତାନରେ ଦଫନ ହେଉଥିଲେ ସର୍ବ ପ୍ରଥମେ ଯେଉଁ ସାହାବୀଜଣକ ଉକ୍ତ କବରସ୍ତାନରେ ଦଫନ ହୋଇଥିଲେ ସେ ହେଉଛନ୍ତି ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ । ଉସ୍‌ମାନ୍ ବହୁତ ପ୍ରାରମ୍ଭିକ ମୁସଲ୍‌ମାନମାନଙ୍କ ମଧ୍ଧରେ ଥିଲେ ଓ ଅତ୍ୟନ୍ତ ପୂର୍ଣ୍ଣବନ୍ତ, ଉପାସନାକାରୀ ଏବଂ ସୁଫି ବ୍ୟକ୍ତି ଥିଲେ । ମୁସଲମାନ ହେବାପରେ ଏକଦା ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲେ ଯେ, ହଜୁର ମୋତେ ଯଦି ଅନୁମତି ଦିଅନ୍ତି ତେବେ ମୁଁ ଚାହୁଁଛି ଯେ ସମ୍ପୁର୍ଣ୍ଣରୂପେ ଏ ସଂସାର ଛାଡ଼ି ଓ ସ୍ତ୍ରୀ ପିଲାଙ୍କଠାରୁ ଅଲଗା ହୋଇ ନିଜର ଜୀବନ ବିଶେଷରୂପେ ଈଶ୍ୱରଙ୍କ ଉପାସନା ନିମନ୍ତେ ଉତ୍ସର୍ଗ କରିଦେବି କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଏହାର ଅନୁମତି ଦେଲେ ନାହିଁ ।'' ଏହାର ବିବରଣୀ ମୁଁ ବିଗତ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି । ସେ ଯାହା ହେଉ ପୁଣି ମିର୍ଜା ବଶୀର୍ ଅହମଦ ସାହେବ ଆଗକୁ ଲେଖୁଛନ୍ତି ଯେ ''..... ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଦେହାନ୍ତରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ବହୁତ ଗଭୀର ଦୁଃଖ ଅନୁଭବ ହେଲା । ରିୱାୟତ୍‌ରେ ଆସୁଛି ଯେ ମୃତ୍ୟୁପରେ ଆପଣ ସ:ଆ:ସ ତାଙ୍କ ମଥାରେ ଚୁମ୍ବନ ଦେଲେ ଓ ସେତେବେଳେ ଆପଣ ସ:ଆ:ସ ଆଖି ଅଶ୍ରୁରେ ଭରିଯାଇଥିଲା ତାଙ୍କୁ କବର ଦେବା ପରେ ଆପଣ ସ:ଆ:ସ ତାଙ୍କ କବରର ମୁଣ୍ଡପଟେ ଗୋଟିଏ ପଥରକୁ ଚିହ୍ନ ଆକାରରେ ରଖିଦେଲେ । ଆପଣ ସ:ଆ:ସ ବେଳେବେଳେ ଜନ୍ନତୁଲ୍ ବକିଇକୁ ଯାଇ ତାଙ୍କ ପାଇଁ ଦୁଆ କରୁଥିଲେ । ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ ପ୍ରଥମ ମୁହାଜିର୍ ଥିଲେ ଯାହାଙ୍କର ମଦିନାରେ ଦେହାନ୍ତ ହେଲା ।''

*(ସିରତ୍ ଖାତ୍‌ମୁନ୍ ନବିୟିନ୍ ଲେଖକ ହଜ୍‌ରତ୍ ବଶୀର୍ ଅହମଦ ର:ଅ, ପୃ-୪୬୨-୪୬୩)*

ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଦେହାନ୍ତରେ ତାଙ୍କ ପତ୍ନୀ ଗୋଟିଏ ମର୍ସିୟା (ଅର୍ଥାତ୍ ଦୁଃଖ ପୂର୍ଣ୍ଣ କବିତା) ଲେଖିଥିଲେ ଓ ତାହା ନିମ୍ନରେ ଦିଆଯାଉଛି:

***ୟା ଅଇନୁ ଯୁଦି ବିଦମ୍‌ଇନ୍ ଗୈରି ମମ୍‌ନୁନ୍***
***ଅଲା ରଜିୟତି ଉସ୍‌ମାନା ବିନ୍ ମଜ୍‌ଉନ୍***
***ଅଲମ୍ ରିଇନ୍ ବାତା ଫି ରିଜ୍‌ୱାନି ଖାଲିକିହି***
***ତୁବା ଲହୁ ମିନ୍ ଫକିଦିସ୍ ଶଖ୍‌ସି ମଦ୍‌ଫୁନ୍***
***ତାବଲ୍ ବକିଉ ଲହୁ ସୁକ୍‌ନା ୱ ଗର୍‌କଦହୁ***
***ୱ ଅଶ୍‌ରକତ୍ ଅର୍‌ଜୁହୁ ମିମ୍ ବାଆଦି ନାୟଇନ୍***
***ୱ ଅଓରସଲ୍ କଲ୍‌ବା ହୁଜ୍‌ନନ୍ ଲନ୍‌କିତାଆ ଲହୁ***
***ହତ୍‌ତଲ୍ ମମାତ ଫମା ତର୍‌କା ଲହୁ ଶୁନି ।***

*(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୫୯୧, ''ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)*

ଏହାର ଅନୁବାଦ ହେଉଛି ଏପରି କି, ହେ ମୋର ଆଖି ଯୁଗଳ ! ଉସ୍‌ମାନଙ୍କ ଦୁଃଖଦ ବିୟୋଗରେ ଅନବରତ ଅଶ୍ରୁ ଝରାଅ । ସେହି ବ୍ୟକ୍ତିର ଦୁଃଖରେ ଯିଏ ନିଜର ସୃଷ୍ଟିକର୍ତାଙ୍କ ସାନ୍ନିଧ ଲଭିବା ପାଇଁ ରାତି ଉଜାଗର ହେଉଥିଲେ । ତା ପାଇଁ ସୁସମାଚାର ଯେ ଜଣେ **ଫକିଦୁଲ୍ ମିସାଲ୍** ବ୍ୟକ୍ତି ଦଫନ ହୋଇସାରିଛନ୍ତି । ବକିଇ ଓ ଗର୍‌କଦ୍ ନିଜର ଏହି ରହିବା ବାଲା ଦ୍ୱାରା ପବିତ୍ର ହୋଇଯାଇଛି ଓ ଏହାର ଭୁମି ତାଙ୍କ କବର ପରେ ଆଲୋକିତ ହୋଇଯାଇଛି । ଆପଣ ର:ଅଙ୍କ ଦେହାନ୍ତରେ ହୃଦୟକୁ ଏତେ ମାତ୍ରାରେ ଦୁଃଖ ପହଂଚିଛି ଯେ ତାହା ମୃତ୍ୟୁ ପର୍ଯ୍ୟନ୍ତ କେବେ ଶେଷ ହେବ ନାହିଁ ଓ ମୋର ଯେଉଁ ଅବସ୍ଥା ହୋଇଛି ତାହା କେବେ ପରିବର୍ତନ ହେବ ନାହିଁ ।

*(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୪୯୫, ଦାରୁଲ୍ ଫିକର୍, ବେରୁତ୍)*

ଇଏ ହେଉଛନ୍ତି ତାଙ୍କ ସ୍ତ୍ରୀ ଯିଏ ନିଜର ମନୋଭାବକୁ ବ୍ୟକ୍ତ କଲେ ।

ହଜ୍‌ରତ୍ ଉମ୍ମେ ଅଲା ଜଣେ ଅନ୍‌ଶାରୀ ମହିଳା ଥିଲେ ଓ ନବି କରିମ୍ ସ:ଆ:ସଙ୍କ ବୟତ କରିସାରିଥିଲେ ସେ ବତାଉଛନ୍ତି ଯେ, ଯେତେବେଳେ ଅନ୍‌ସାରମାନେ ମୁହାଜିରମାନଙ୍କ ରହିବା ପାଇଁ ଗୋଳା ପକାଇଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଗୋଳାଟି ଆମଘରେ ରହିବା ପାଇଁ ଉଠିଲା । ହଜ୍‌ରତ୍ ଉମ୍ମେ ଅଲା କହୁଥିଲେ ଯେ, ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ ଆମ ଘରେ ରହିଲେ । ସେ ଯେତେବେଳେ ବେମାର ହୁଅନ୍ତି ଆମେ ତାଙ୍କର ସେବା କରୁ ଓ ଯେତେବେଳେ ତାଙ୍କର ଦେହାନ୍ତ ହେଲା ଆମେ ତାଙ୍କୁ ତାଙ୍କ କପଡ଼ାରେ ହିଁ କଫନ ପିନ୍ଧାଇଲୁ । ନବି କରିମ୍ ସ:ଆ:ସ ଆମ ନିକଟକୁ ଆସିଲେ ହଜ୍‌ରତ୍ ଉମ୍ମେ ଅଲା କହୁଛନ୍ତି କି, ମୁଁ କହିଲି ଯେ ଅଲ୍ଲାଃଙ୍କ କରୁଣା ତୁମ ଉପରେ ଅବତୀର୍ଣ୍ଣ ହେଉ ହେ ଅବୁ ସାଏବ୍ ! ଏହା ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ କୁନିୟତ ଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମୁଖରେ ହଜ୍‌ରତ୍ ଉମ୍ମେ ଅଲା ଏହି ବାକ୍ୟକୁ ପୁନରାବୃତି କଲେ କି ଅଲ୍ଲାଃଙ୍କ କରୁଣା ତୁମ ଉପରେ ଅବତୀର୍ଣ୍ଣ ହେଉ ହେ ଅବୁ ସାଏବ୍ ! ତୁମ ପାଇଁ ମୋର ଏ ସାକ୍ଷ୍ୟ ଯେ ଅଲ୍ଲାଃ ତୁମକୁ ନିଶ୍ଚିତରୂପେ ସମ୍ମାନ ପ୍ରଦାନ କରିଛନ୍ତି । ନବି କରିମ୍ ସ:ଆ:ସ ଯେତେବେଳେ ଏ କଥା ଶୁଣିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମତେ ପଚାରିଲେ କି ତୁମେ କିପରି ଜାଣିପାରିଲ ଯେ ଅଲ୍ଲାଃତାଲା ତାଙ୍କୁ ନିଶ୍ଚିତ ରୂପେ ସମ୍ମାନ ଦେଇଛନ୍ତି । ଏଥିରେ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ମୁଁ ତ ଏକଥା ଜାଣିନାହିଁ । କିନ୍ତୁ ସେ ଯାହା ହେଉ ମୋର ଏ ଭାବନା ଥିଲା ଯାହାକୁ ମୁଁ ପରିପ୍ରକାଶ କଲି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେଉଁଠି ଉସ୍‌ମାନ୍‌ଙ୍କ ସମ୍ବନ୍ଧରେ କଥା ଉଠୁଛି ସେ ତ ଏବେ ମୃତ୍ୟୁବରଣ କରିସାରିଛନ୍ତି ଓ ମୁଁ ତାଙ୍କ ପାଇଁ ଉତମ ଆଶା ପୋଷଣ କରିଛି । ଏ ଆଶା ରଖିଛି ଯେ ଅଲ୍ଲାଃ ତାଲା ନିଶ୍ଚିତରୂପେ ତାଙ୍କୁ ସମ୍ମାନ ପ୍ରଦାନ କରିବେ କିନ୍ତୁ ଅଲ୍ଲାଃଙ୍କ ରାଣ ! ଆପଣ ସ:ଆ:ସ ଏହା ମଧ୍ଧ କହିଲେ ଯେ ଅଲ୍ଲାଃଙ୍କ ରାଣ ! ମୁଁ ଏହା ମଧ୍ଧ ଜାଣି ନାହିଁ କି ଉସ୍‌ମାନ ର:ଅଙ୍କ ସହିତ କଣ ହେବ । ପ୍ରାର୍ଥନା ତ ଅବଶ୍ୟ କରିଛି କିନ୍ତୁ ମୁଁ ଏକଥା କହିପାରିବି ନାହିଁ ଯେ, ତାଙ୍କୁ ନିଶ୍ଚିତରୂପେ ସମ୍ମାନ ମିଳିବ ଯେବେ କି ମୁଁ ହେଉଛି ଅଲ୍ଲାଃଙ୍କ ରସୁଲ୍ । ଏ କଥା ଶୁଣି ହଜ୍‌ରତ୍ ଉମ୍ମେ ଅଲା କହିଲେ ଅଲ୍ଲାଃଙ୍କ ରାଣ ଏହା ପରେ ମୁଁ କାହାକୁ ମଧ୍ଧ ପବିତ୍ର ବୋଲି ଅଭିହିତ କରିବି ନାହିଁ । ଏପରି ଶବ୍ଦର ପୁନରାବୃତି କରିବି ନାହିଁ ଯେ ନିଶ୍ଚିତରୂପେ କ୍ଷମା କରିଦିଆଗଲା । ମୋତେ ଏ କଥା ଦୁଃଖି କରିଦେଲା । ସେ କହୁଥିଲେ ଯେ ମୁଁ ଶୋଇଗଲି (ଅର୍ଥାତ୍) ଏ ଦୁଃଖରେ ମୁଁ ଶୋଇପଡ଼ିଲି । ଏକ ବିଶେଷ ସମ୍ପର୍କ ଥିଲା ଉତ୍ସାହ ମଧ୍ଧ ଥିଲା । ସେ ଯାହା ହେଉ ସେ କହୁଛନ୍ତି ଯେବେ ମୁଁ ରାତିରେ ଶୋଇପଡ଼ିଲି ସେତେବେଳେ ମୋତେ ସ୍ୱପ୍ନରେ ହଜ୍‌ରତ୍ ଉସ୍‌ମାନ୍‌ଙ୍କ ଗୋଟିଏ ଝରଣା ଦେଖାଇ ଦିଆଗଲା ଯାହା ବହି ଚାଲିଥିଲା । ପାଣିର ଏକ ଝରଣା ଥିଲା ଓ ତାହା ବହି ଚାଲିଥିଲା । ଏହି ସ୍ୱପ୍ନଟି ଦେଖିବା ପରେ ମୁଁ ପୁଣି ରସୁଲୁଲ୍ଲା ସ:ଆ:ସଙ୍କ ନିକଟକୁ ଆସିଲି ଓ ମୁଁ ଆପଣ ସ:ଆ:ସଙ୍କୁ ଏ କଥା ବତାଇଲି ଯେ ମୁଁ ଏହି ପରି ସ୍ୱପ୍ନ ଦେଖିଛି ଏଥିରେ ଆପଣ ସ:ଆ:ସ କହିଲେ ଏହା ତାଙ୍କର କର୍ମ ।

*(ସହି ବୁଖାରୀ....... ହଦିସ୍ ୨୬୮୭)*

ଏ ଯେଉଁ ଝରଣା ବହୁଥିଲା ଏହା ଦ୍ୱାରା ଅଲ୍ଲାଃ ତାଲା ତୁମକୁ ଦେଖାଇଦେଲେ ଯେ ସେ ଜନ୍ନତରେ ଅଛନ୍ତି । ଓ ତାଙ୍କର କର୍ମ ଯୋଗୁଁ ଏବେ ସେଠାରେ ଝରଣା ବହୁ ଅଞ୍ଚଛି । ସୁତରାଂ ଏହା ମଧ୍ଧୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ତରବୀୟତ୍ କରିବାର ଏକ ଶୈଳୀ ଥିଲା ଯେ, ଏପରି ଏତେ ଦୃଢ଼ଭାବରେ ଅଲ୍ଲାଃ ତାଲାଙ୍କ କ୍ଷମା କରିବା ସମ୍ବନ୍ଧରେ ସାକ୍ଷୀ ଦିଅନାହି । ହଁ ଯେବେ ସ୍ୱପ୍ନରେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଉତମ କର୍ମକୁ ଗୋଟିଏ ଝରଣା ଆକାରରେ ହଜ୍‌ରତ୍ ଉମ୍ମେ ଅଲାଙ୍କୁ ଦେଖାଇ ଦିଆଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଏହାର ସମର୍ଥନ କଲେ ଅନ୍ୟଥା ଆଁ ହଜ୍‌ରତ୍ ସ:ଆ:ସ ତ ଜାଣିଥିଲେ ଯେ ସେହି ବଦରୀ ସାହାବାମାନଙ୍କ ଉପରେ ଈଶ୍ୱର ପ୍ରସନ୍ନିତ ହୋଇଛନ୍ତି ଓ ସ୍ୱୟମ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରାର୍ଥନା ଏବଂ ଆପଣ ର:ଅଙ୍କ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ନିଜର ଯେଉଁ ମନୋଭାବକୁ ପରିପ୍ରକାଶ କରିଛନ୍ତି ତାହା ସ୍ପଷ୍ଟ କରୁଛି ଯେ, ଆପଣ ସ:ଆ:ସଙ୍କୁ ତାଙ୍କ ସମ୍ବନ୍ଧରେ ଏ ବିଶ୍ୱାସ ଥିଲା ଯେ ଅଲ୍ଲାଃ ତାଲା ସେହି ପ୍ରାର୍ଥନା ଶୁଣିବେ ଏବଂ ସେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ପାଇବେ କିନ୍ତୁ ପୁଣି ମଧ୍ଧ ଆପଣ ସ:ଆ:ସ ଏ କଥା କହିଲେ ଯେ ତୁମେ କାହା ସମ୍ବନ୍ଧରେ ସାକ୍ଷୀ ଦେଇପାରିବ ନାହିଁ ।

ମସ୍‌ଲଦ୍ ଅହମିଦ ବିନ୍ ହମ୍ବଲ୍ ଏ ବିଷୟ କିଛି ଏପରି ଉଲ୍ଲେଖ ଅଛି ଯେ, ଖାରଜାଃ ବିନ୍ ଜୈଦ୍ ନିଜ ମାଆଙ୍କଠାରୁ ରିୱାୟତ କରୁଛନ୍ତି ଯେ ସେ କହିଲେ କି ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କର ଯେବେ ଦେହାନ୍ତ ହେଲା ସେତେବେଳେ ଖାରଜାଃ ବିନ୍ ଜୈଦ୍‌ଙ୍କ ମାଆ କହିଲେ ହେ ଅବୁ ସାଏବ୍ ! ତୁମେ ହେଉଛ ପବିତ୍ର । ତୁମର ଭଲ ଦିନ ଗୁଡ଼ିକ ଖୁବ ଭଲ ଥିଲା । ନବି ସ:ଆ:ସ ଏକଥାକୁ ଶୁଣିନେଲେ ଓ କହିଲେ ଯେ ଏ କଥା କିଏ କହୁଛନ୍ତି । ସେ କହିଲେ ମୁଁ । ରସୁଲୁଲ୍ଲାଃ ସ:ଆ:ସ କହିଲେ ତୁମେ କିପରି ଜାଣିପାରିଲ ! ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅଙ୍କ କର୍ମ ଓ ତାଙ୍କର ଉପାସନା ଏପରି ଥଲା । ଏ ସମସ୍ତ କଥା ମୋ ଉପରେ ପରିପ୍ରକାଶ କରିଛନ୍ତି ଯେ ନିଶ୍ଚିତ ରୂପେ ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରିଛନ୍ତି ।

ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଆମେ ଉସ୍‌ମାନ୍ ବିନ୍ ମଜ୍‌ଉନ୍‌ଙ୍କ ନିକଟରେ ଭଲ ଛଡ଼ା ଆଉ କିଛି ଦେଖିନାହୁଁ । ଅବଶ୍ୟ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ଏପରି ବ୍ୟକ୍ତି ଥିଲେ ଯେ ତାଙ୍କ ନିକଟରେ ଭଲଗୁଣ ବ୍ୟତିତ ମୁଁ ଆଉ କିଛି ଦେଖିନାହିଁ । କିନ୍ତୁ ତତ୍‌ସହିତ ଆପଣ ସ:ଆ:ସ କହିଲେ ଯେ ଏକଥା ମଧ୍ୟ ମନେ ରଖ ମୁଁ ହେଉଛି ଅଲ୍ଲାଃଙ୍କ ରସୁଲ୍ କିନ୍ତୁ ଈଶ୍ୱରଙ୍କ ସୌଗନ୍ଧ ମୁଁ ମଧ୍ୟ ଏହା ଜାଣିନାହିଁ ଯେ ମୋ ସହିତ କଣ ବ୍ୟବହାର କରାଯିବ । *(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଖଣ୍ଡ-୮, ପୃ-୮୭୨.... ହଦିସ୍ ନଂ-୨୮୦୦୬ ଆଲ୍‌ମୁଲ୍ କୁତୁବ୍ ବେରୁତ ୧୯୯୮)*

ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ବଳି ଅଧିକ ଖୁଦାଙ୍କ ନିକଟରେ କେହି ପ୍ରାୟ ନୁହନ୍ତି । ଆପଣ ସ:ଆ:ସ ହେଉଛନ୍ତି ଖୁଦାଙ୍କ ପ୍ରୀୟତମ କିନ୍ତୁ ଅଲ୍ଲାଃ ତାଲାଙ୍କ ସ୍ୱଚ୍ଛଳତା ଓ ତାହାଙ୍କ ଭୟର ଅବସ୍ଥା ଏତେ ଥିଲା ଯେ ନିଜ ସମ୍ବନ୍ଧରେ ମଧ୍ୟ କହୁଛନ୍ତି ଯେ ମତେ ଜଣାନାହିଁ ଯେ ମୋ ସହିତ କଣ ବ୍ୟବହାର କରାଯିବ । ସୁତରାଂ ଏଠି ଆମମାନଙ୍କ ପାଇଁ କେତେ ଭୟ ରଖିବାର କଥା ଓ କେତେ ମାତ୍ରାରେ ଚିନ୍ତା କରିବା ଉଚିତ ଯେ ଆମେ ପୂଣ୍ୟ କର୍ମ କରିବା, ଈଶ୍ୱରଙ୍କ ଉପାସନା ପ୍ରତି ଧ୍ୟାନ ଦେବା । ଏହାସବୁ କରିବା ପରେ ଗର୍ବ ନ କରି ବିନମ୍ରତାର ସହିତ ବଢ଼ି ଚାଲିବା । ଓ ଏହାଦ୍ୱାରା ସର୍ବଦା ଅଲ୍ଲାଃ ତାଲାଙ୍କ ଠାରୁ ତାର କରୁଣା ଓ ଦୟା ଭିକ୍ଷା କରିଚାଲିବା ଉଚିତ ଯେ ସେ ତାର ଦୟା ଓ କରୁଣା ଦ୍ୱାରା ଆମକୁ କ୍ଷମା ପ୍ରଦାନ କରନ୍ତୁ ।

ମସନଦ୍ ଅହମଦ୍ ବିନ୍ ହମ୍ବଲର ଆଉ ଗୋଟିଏ ରିୱାୟତ୍‌ରେ ଦରଜ ଅଛି ଯେ ହଜ୍‌ରତ୍ ଉମ୍ମେ ଅଲା କହୁଛନ୍ତି ଯେ ଆମ ଘରେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ ବେମାର ପଡ଼ିଲେ ତାଙ୍କର ସେବା ସୁଶ୍ରୁସାଂ କଲୁ । ଯେବେ ସେ ମୃତ୍ୟୁବରଣ କଲେ ଆମେ ତାଙ୍କୁ ତାଙ୍କ କପଡ଼ାରେ ଗୁଡ଼ାଇ ରଖିଲୁ । ନବି ସ:ଆ:ସ ଆମ ନିକଟକୁ ଆସିଲେ । ମୁଁ କହିଲି ହେ ଅବୁ ସାଏବ୍ ! ଅଲ୍ଲାଃଙ୍କ କରୁଣା ଆପଣଙ୍କ ଉପରେ ଅବତୀର୍ଣ୍ଣ ହେଉ ମୁଁ ଏହା ଆପଣଙ୍କ ପାଇଁ ସାକ୍ଷୀ ଦେଉଛି ଯେ ଅଲ୍ଲାଃ ତାଲା ଆପଣଙ୍କୁ ବହୁତ ସମ୍ମାନ ଦେଇଛନ୍ତି । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ତୁମେ କିପରି ଜାଣିଲ ଯେ ଅଲ୍ଲାଃ ତାଲା ତାଙ୍କୁ ସମ୍ମାନ କରିଛନ୍ତି ? ସେ କହୁଛନ୍ତି ମୁଁ ଜାଣିନାହିଁ, ମୋ ମାଆ ବାପା ଆପଣ ସ:ଆସଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେଉଁଠି ତାଙ୍କ କଥା ଉଠୁଛି ତାଙ୍କୁ ଏକ ନିଶ୍ଚିତ ମୃତ୍ୟୁ ଅଲ୍ଲାଃଙ୍କ ତରଫରୁ ଆସିଅଛି ଓ ମୁଁ ତାଙ୍କ ସମ୍ବନ୍ଧରେ ଭଲର ବିଶ୍ୱାସ ଓ ଆଶା ରଖିଛି ଯେ ଅଲ୍ଲାଃ ତାଲା ତାଙ୍କ ସହିତ ଭଲ ବ୍ୟବହାର କରିବେ । କିନ୍ତୁ ଅଲ୍ଲାଃଙ୍କ ରାଣ ! ମୁଁ ମଧ୍ୟ ଜାଣିନାହିଁ, ମୁଁ ଅଲ୍ଲାଃଙ୍କ ରସୁଲ ଅଟେ କି ମୋ ସହିତ କଣ ବ୍ୟବହାର ହେବ । ସେ କହୁଛନ୍ତି କି ମୁଁ କହିଲି ମୁଁ ଏହା ପରେ କାହାକୁ ପବିତ୍ର ବୋଲି ଅଭିହିତ କରିବି ନାହିଁ । କିନ୍ତୁ ଏହା ପରେ ସେହି କଥା ମତେ ଦୁଃଖିତ କଲା ପୁଣି ସେହି ସ୍ୱପ୍ନର ଚର୍ଚ୍ଚା କଲେ । ଅର୍ଥାତ୍ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସ୍ୱପ୍ନ ଶୁଣାଇଲେ ।

*(ମସ୍‌ନଦ୍ ଅହମଦ୍ ବିନ୍ ଉମ୍ବଲ୍, ଖଣ୍ଡ-୮, ପୃ-୮୭୧-୮୭୨...... ହଦିସ୍ ନଂ-୨୮୦୦୪ ଆଲ୍‌ମୁଲ୍ କୁତୁବ୍ ବେରୁତ ୧୯୯୮)*

ତେବେ ପ୍ରଥମ ଦୁଇଟି ଭିନ୍ନ ଭିନ୍ନ ପୁସ୍ତକରେ, ହଦିସ୍‌ରେ ଏହି ଘଟଣା ଉଲ୍ଲେଖ ଅଛି । ଅଲ୍ଲାଃ ତାଲା ତାଙ୍କ ପଦମର୍ଯ୍ୟାଦା ତ ବଢ଼ାଇଛନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୁଆ (ଅର୍ଥାତ୍ ଆଶିଷ) ମଧ୍ୟ ଥିଲା । ତାଙ୍କର ପଦମର୍ଯ୍ୟାଦା ସର୍ବଦା ବଢ଼ାଇଚାଲୁ ଓ ତାଙ୍କର ପୂଣ୍ୟ ନମୁନାଙ୍କୁ ଆମ୍ଭେମାନେ ମଧ୍ୟ ନିଜ ଭିତରେ ପ୍ରତିଷ୍ଠା କରୁଁ ।

ଏବେ ଯେଉଁ ସାହାବିଙ୍କର ଏଠାରେ ମୁଁ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ୍‌ରତ୍ ୱହଦ୍ ବିନ୍ ସାଆଦ୍ ବିନ୍ ଅବି ସର୍‌ହ ର:ଅ । ହଜ୍‌ରତ୍ ୱହଦ୍‌ଙ୍କ ବାପାଙ୍କ ନାମ ସାଆଦ୍ ଥିଲା । ତାଙ୍କର ସମ୍ବନ୍ଧ କବିଲା ବନୁ ଆମୀର୍ ବିନ୍ ଲୁୱି ସହିତ ଥିଲା । ସେ ଅବ୍‌ଦଲ୍ଲାଃ ବିନ୍ ସାଆଦ ବିନ୍ ଅବି ସର୍‌ହଙ୍କ ଭାଇ ଥିଲେ । ତାଙ୍କ ମାଆଙ୍କ ନାମ ମୁହାନାଃ ବିନ୍‌ତ ଯାବିର୍ ଥିଲା ଯିଏ ଅଶ୍‌ଅରୀ କବିଲାର ଥିଲେ ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୦, ୱହଦ୍ ବିନ୍ ସାଆଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୬)*

ହଜ୍‌ରତ୍ ୱହଦ୍‌ଙ୍କ ଭାଇ ଅବ୍‌ଦୁଲ୍ଲାଃ ବିନ୍ ଅବି ସର୍‌ହ ସେହି କାତିବେ ୱହି (ଅର୍ଥାତ୍ ଐଶ୍ୱରୀକ ବାଣୀକୁ ଲେଖିବାବାଲା)ଥିଲେ, ଯି ଧର୍ମ ପରିତ୍ୟାଗ କରିଥିଲେ । ତାଙ୍କ ଭାଇଙ୍କ ସମ୍ବନ୍ଧରେ ଏହି ଘଟଣା ପ୍ରସଙ୍ଗରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏପରି ବର୍ଣ୍ଣନା କରୁଛନ୍ତି ଯେ ରସୁଲେ କରିମ୍ ସ:ଆ:ସଙ୍କର ଜଣେ କାତିବେ ୱହି (ଅର୍ଥାତ୍ ଦିବ୍ୟବାଣୀକୁ ଲେଖୁଥିବା ବ୍ୟକ୍ତି) ଥିଲେ ଯାହାଙ୍କ ନାମ ଥିଲା ଅବ୍‌ଦୁଲ୍ଲାଃ ବିନ୍ ଅବି ସର୍‌ହ । ସିରତୁଲ୍ ହଲ୍‌ବିୟାରେ ଉଲ୍ଲେଖ ଅଛି ଯେ ସେ ହଜ୍‌ରତ୍ ଉସ୍‌ଢ଼ାନ୍ ବିନ୍ ଅଫ୍‌ଫାନ୍‌ଙ୍କ ରଜାଇ (ଅର୍ଥାତ୍ ଜଣଙ୍କଠାରୁ ଖିରପାନ କରିଥିବା) ଭାଇ ଥିଲେ । ଆପଣ ସ:ଆ:ସଙ୍କ ଉପରେ ଯେବେ କୌଣସି ୱହି (ଅର୍ଥାତ୍ ଦିବ୍ୟବାଣୀ) ଅବତୀର୍ଣ୍ଣ ହୁଏ ସେତେବେଳେ ତାଙ୍କୁ ଡ଼ାକି ଲେଖାଇ ଦିଅନ୍ତି । ଦିନେ ଆପଣ ସୁରାଃ ଅଲ୍‌ମୋମିନ୍‌ର ଆୟତ ନଂ- ୧୪ ଓ ୧୫ ଲେଖାଉଥିଲେ । ଯେତେବେଳେ ଆପଣ ସ:ଆ:ସ ଏ ସ୍ଥାନରେ ପହଂଚିଲେ କି ***ସୁମ୍ମା ଅନ୍‌ଶାନାହୁ ଖଲ୍‌କନ୍ ଆଖରା*** ସେହି ସମୟରେ ଉକ୍ତ କାତିବେ ୱହିଙ୍କ ମୁହଁରୁ ଅରନକ ବାହାରି ପଡ଼ିଲା ***ଫତବାରକଲ୍ଲାହେ ଅହ୍‌ସନୁଲ୍ ଖାଲିକିନ୍*** । ସୁରତୁଲ୍ ମୁମିନିନ୍‌ର ୧୫ ନଂ ଆୟତରେ ଏହାର ଚର୍ଚ୍ଚା କରାଯାଇଛି । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ଏହା ହେଉଛି ୱହି (ଅର୍ଥାତ୍ ଦିବ୍ୟବାଣୀ)କୁ ଏ ଭାବନା ଆସିଲା ନାହିଁ ଯେ ପଛ ଆୟତ ଗୁଡ଼ିକ ଫଳରେ ଏହି ଆୟତ ପ୍ରାକୃତିକ ରୂପେ ସ୍ୱଂୟ ସୃଷ୍ଟି ହୋଇଯାଇଛି ବୋଲି । ସେ ଭାବିଲା ଯେ ଯେଉଁଭଳି ମୋ ମୁହଁରୁ ଏ ଆୟତ ବାହାରିଲା ଓ ରସୁଲୁଲ୍ଲାଃ ସ:ଆ:ସ ଏହାକୁ ୱହି ଅଭିହିତ କରିଦେଲେ, ସେହିପରି ଆପଣ ସ:ଆ:ସ ନଉଜୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣ) ନିଜେ ସାରା କୋରାନ୍ ବନାଉଛନ୍ତି । ସୁତରାଂ ସେ ମୁର୍‌ତଦ୍ (ଅର୍ଥାତ୍ ଧର୍ମ ପରିତ୍ୟାଗୀ) ହୋଇଗଲା ଓ ମକ୍କା ଚାଲିଗଲା । ଫତହ୍ ମକ୍କା (ଅର୍ଥାତ୍ ମକ୍କା ବିଜୟ) ଅବସରରେ ଯେଉଁ ଲୋକମାନଙ୍କୁ ହତ୍ୟା କରାଯିବାର ନିର୍ଦ୍ଦେଶ ରସୁଲୁଲ୍ଲାଃ ସ:ଆ:ସ ଦେଇଥିଲେ ସେମାନଙ୍କ ମଧ୍ୟରୁ ଜେଣ ଅବ୍‌ଦୁଲ୍ଲାଃ ବିନ୍ ଅବି ସରହ୍ ଥିଲା କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ତାକୁ ଶରଣ ଦେଇଦେଲେ । ଏହି ଶରଣ ସମ୍ବନ୍ଧରେ ଯେଉଁ ବିବରଣି ମିଳୁଛି ତାହା ହେଉଛି ଏପରି କି ଫତହ୍ ମକ୍କା ଅବସରରେ ଯେବେ ଅବ୍‌ଦୁଲ୍ଲାଃ ବିନ୍ ଅବି ସର୍‌ହ୍‌ଙ୍କୁ ଜଣାପଡ଼ିଗଲା ଯେ ନବି କରିମ୍ ସ:ଆ:ସ ତାକୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ସେ ତାର ରଜାଇ ଭାଇ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର:ଅଙ୍କ ନିକଟକୁ ତାଙ୍କ ଶରଣରେ ରହିବା ପାଇଁ ଚାଲିଗଲା ଓ ତାକୁ କହିଲା ଯେ ହେ ଭାଇ ମତେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାରା ମରାଯିବା ପୂର୍ବରୁ ମତେ ତୁମ ଶରଣରେ ନେଇନିଅ । ଏ କଥା ସିରତୁଲ୍ ହଲ୍‌ବିୟାରେ ଲେଖା ହୋଇଛି । ସେ ଯାହା ହେଉ ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ଲେଖୁଛନ୍ତି ଯେ ସେ ଉସ୍‌ମାନଙ୍କ ଘରେ ତିନି ଚାରିଦିନ ଲୁଚି ରହିଲା । ଯେବେ ଦିନେ ଆଁ ହଜ୍‌ରତ୍ ସ:ଆ:ସ ମକ୍କାର ଅଧିବାସୀଙ୍କ ନିକଟରୁ ବୟତ ଗ୍ରହଣ କରୁଥିଲେ ସେ ସମୟରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଅବ୍‌ଦୁଲ୍ଲାଃ ବିନ୍ ଅବି ସର୍‌ହଙ୍କୁ ମଧ୍ୟ ଆପଣ ସ:ଆ:ସଙ୍କ ଗୋଚରେ ଉପସ୍ଥିତ କରାଇଲେ । ଓ ତା ବୟତକୁ ଗ୍ରହଣ କରିବା ପାଇଁ ନିବେଦନ କଲେ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ପ୍ରଥମେ କିଛି ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ କିନ୍ତୁ ପୁଣି ଆପଣ ସ:ଆ:ସ ତା ବୟତ ଗ୍ରହଣ କରିନେଲେ । ଏହିପରି ସେ ପୂନର୍ବାର ଇସ୍‌ଲାମ୍ ଗ୍ରହଣ କରିନେଲା ।

*(ତଫସୀର୍ କବୀର୍, ଖଣ୍ଡ-୬, ପୃ-୧୩୯) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୧୩୦...... ବେରୁତ ୨୦୦୨)*

ତାଙ୍କ ସମ୍ବନ୍ଧିତ ଆହୁରି ମଧ୍ୟ ବହୁତ କଥା ଥିଲା ସେଥିଯୋଗୁଁ, ବିଭ୍ରାଟ ସୃଷ୍ଟି କରିବା ଯୋଗୁଁ ଏବଂ ଲୋକଙ୍କୁ ଉସୁକେଇବା ଯୋଗୁଁ ଏ ନିର୍ଦ୍ଦେଶ ଦିଆଯାଇଥିଲା । କେବଳ ଗୋଟିଏ କାରଣ ନ ଥିଲା ଯେ ସେ ମୁର୍‌ତଦ୍ ହୋଇଗଲା ଓ ତାକୁ ହତ୍ୟା କରିବାର ଆଦେଶ ଦିଆଗଲା ।

ଆସିମ୍ ବିନ୍ ଉମର ବର୍ଣ୍ଣନା କରୁଛନ୍ତି ଯେ ଯେବେ ହଜ୍‌ରତ୍ ୱହଦ୍ ର:ଅ ମକ୍କାରୁ ମଦିନା ହିଜ୍‌ରତ୍ କଲେ, ସେତେବେଳେ ସେ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ହଦମ୍‌ଙ୍କ ଘରେ ରହିଲେ । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ୱହଦ୍ ଏବଂ ହଜ୍‌ରତ୍ ସୁୱେଦ୍ ବିନ୍ ଅମ୍‌ରୋ ର:ଅଙ୍କ ମଧ୍ୟରେ ମୁଆଖାତ୍ ପ୍ରତିଷ୍ଠା କରିଥିଲେ ଅର୍ଥାତ୍ ଏହି ଦୁଇ ଜଣ ଭାଇ ହୋଇଥିଲେ । ସେହି ଦୁଇଜଣଯାକ ମୌତା ଯୁଦ୍ଧରେ ଶହୀଦ୍ ହୋଇଥିଲେ । ହଜ୍‌ରତ୍ ୱହଦ୍ ର:ଅ ବଦର୍, ୱହଦ୍, ଖନ୍ଦକ୍, ହୁଦବିୟା ଏବଂ ଖୈବର୍ ଯୁଦ୍ଧରେ ସାମିଲ ହୋଇଥିଲେ । ସେ ଯମାଦିଲ୍ ଅୱଲ୍ ୮ ହିଜ୍‌ରୀ ଦିନ ମୌତା ଯୁଦ୍ଧରେ ଶହୀଦ୍ ହେଲେ । ଶହୀଦ୍ ହେବା ସମୟରେ ତାଙ୍କର ବୟସ ୪୦ ବର୍ଷ ହୋଇଥିଲା ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୧୭, ୱହଦ୍ ବିନ୍ ସାଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୬)*

ମୌତା ଯୁଦ୍ଧ କଣ ଥିଲଶ ବା ଏହାର କାରଣ କଣ ଥିଲା ? ଏ ସମ୍ବନ୍ଧରେ ତବ୍‌କାତ୍‌ରେ କିଛି ଉଲ୍ଲେଖ ଅଛି । ଏହି ଯୁଦ୍ଧ ଯମାଦିଲ୍ ଉଲା ୮ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲଶ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ହାରିସ୍ ବିନ୍ ଉମୈର୍ ର:ଅଙ୍କୁ ଦୂତ ରୂପେ ଶାହେ ବୁସ୍‌ରା (ଅର୍ଥାତ୍ ବୁସ୍‌ରାର ରାଜା)ଙ୍କ ନିକଟକୁ ଚିଠି ଦେଇ ପଠାଇଥିଲେ । ଯେତେବେଳେ ସେ ମୌତା ନାମକ ସ୍ଥାନରେ ପହଂଚିହେଲ ସେତେବେଳେ ତାଙ୍କୁ ଶୁର୍ ହୁବୈଲ୍ ବିନ୍ ଅମ୍‌ରୋ ଗସ୍‌ସାନୀ (ଶୁର୍ ହୁବୈଲ୍ ସିରତୁଲ୍ ହଲ୍‌ବିୟା ଅନୁସାରେ କୈସର ସମ୍ରାଟ ଦ୍ୱାରା ସିରିୟା ଦେଶରେ ନିୟୋଜି ହୋଇଥିବା ଅମୀର ମାନଙ୍କ ମଧ୍ୟରୁ ଜଣେ ଅମୀର୍ ଥିଲା) ସେଠାରେ ରୋକି ଦେଲା ଓ ଶହୀଦ୍ ମଧ୍ୟ କରିଦେଲା । ହଜ୍‌ରତ୍ ହାରସ୍ ବିନ୍ ଉମୈର୍‌ଙ୍କ ବ୍ୟତିତ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଉ କୌଣସି ଦୂତଙ୍କୁ ଶହୀଦ୍ କରାଯାଇନାହିଁ । ଯେବେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହି ଦୁଃଖଦ ଖବର ମିଳିଲା । ଆପଣ ସ:ଆ:ସଙ୍କୁ ଏହା ବହୁତ ବାଧିଲଶ । ବହୁତ ଦୁଃଖ ଅନୁଭବ ହେଲା । ତେଣୁ ଆପଣ ସ:ଆ:ସ ଲୋକମାନଙ୍କୁ ଯୁଦ୍ଧ ନିମନ୍ତେ ଡ଼ାକିଲେ । ଲୋକମାନେ ଏକତ୍ରିତ ହେଲେ । ସେମାନଙ୍କର ସଂଖ୍ୟା ତିନି ହଜାର ଥିଲା ।

ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଏ ସମସ୍ତଙ୍କର ଅମୀର ହେଉଛନ୍ତି ହଜ୍‌ରତ୍ ଜୈଦ୍ ବିନ୍ ହାର୍‌ସା ର:ଅ । ଗୋଟିଏ ଧଳା ରଙ୍ଗର ଧ୍ୱଜା ପ୍ରସ୍ତୁତ କରାଇ ହଜ୍‌ରତ୍ ଜୈଦଙ୍କୁ ଦେଇ ଏ ଉପଦେଶ ପ୍ରଦାନ କଲେ ଯେ ହଜ୍‌ରତ୍ ହାରିସ୍ ବିନ୍ ଉମୈର୍‌ଙ୍କୁ ଯେଉଁଠି ଶହୀଦ୍ କରାଯାଇଛି ସେଠାରେ ପହଂଚି ଲୋକମାନଙ୍କୁ ଇସ୍‌ଲାମ୍ ପ୍ରତି ଆହ୍ୱାନ ଦିଅ, ସେମାନେ ଗ୍ରହଣ କରନ୍ତି ତେବେ ଭଲ କଥା ନଚେତ ସେମାନଙ୍କ ବିରୋଧରେ ଅଲ୍ଲାଃଙ୍କଠାରୁ ସାହାର୍ଯ୍ୟ ଭିକ୍ଷା କର ଓ ସେମାନଙ୍କ ସହିତ ଯୁଦ୍ଧ କର ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃଷ୍ଠା-୩୧୪, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ସିରତୁଲ୍ ହଲ୍‌ବିୟା...... ଖଣ୍ଡ-୩, ପୃ-୯୬...... ବେରୁତ ୨୦୦୨)*

ହଜ୍‌ରତ୍ ୱହଦ୍ ର:ଅ ମଧ୍ୟ ସେହି ଯୁଦ୍ଧରେ ସାମିଲ୍ ଥିଲେ । ଏହି ଯୁଦ୍ଧର ବିବରଣୀ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ମୌତା ଯୁଦ୍ଧ ନିମନ୍ତେ ହଜ୍‌ରତ୍ ଜୈଦ୍ ବିନ୍ ହାର୍‌ସାଃଙ୍କୁ ଅମୀର ନିୟୋଜିତ କଲେ । ପୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯଦି ଜୈଦ୍ ଶହୀଦ୍ ହୋଇଯାଆନ୍ତି ତେବେ ଯାଫର୍ ର:ଅ ଅମୀର ହେବେ ଏବଂ ଯଦି ଯାଫର୍ ଶହୀଦ୍ ହୋଇଯାଆନ୍ତି ତେବେ ଅବ୍‌ଦୁଲ୍ଲାଃ ବିନ୍ ରିୱାହା ର:ଅ ତୁମମାନଙ୍କର ଅମୀର୍ ହେବେ । ଏହି ସେନାକୁ ଜୈଶେ ଉମ୍‌ରାଆ ମଧ୍ୟ କହୁଥିଲେ ।

*(ସହ୍‌ହି ବୁଖାରୀ, କିତାବୁଲ୍ ମଗାଜି..... ହଦିସ୍ ୪୨୬୧)*

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃ-୫୦୫, ହଦିସ୍ ୨୨୯୧୮, ...... ଆଲିମୁଲ୍ କୁତୁବ୍ ବେରୁତ ୧୯୯୮)*

ଏହାକୁ ବ୍ୟାଖ୍ୟା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏତିକି ହିଁ ଲେଖିଛନ୍ତି ଯେ ଗୋଟିଏ ରିୱାୟତ୍‌ରେ ଏହା ମଧ୍ୟ ବର୍ଣ୍ଣିତ ଅଛି ଯେ ସେ ସମୟରେ ସେଠାରେ ନିକଟରେ ଜଣେ ଇହୁଦୀ ମଧ୍ୟ ବସିଥିଲା । ସେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏ କଥା ଶୁଣିଲା, ହଜ୍‌ରତ୍ ଜୈଦ୍‌ଙ୍କ ନିକଟକୁ ଆସିଲା ଓ କହିଲା ଯେ ଯଦି ମୁହମ୍ମଦ୍ ସ:ଆ:ସ ସଚ୍ଚା (ଅର୍ଥାତ୍ ସଚୋଟ) ତେବେ ତୁମ ତିନିଜଣଙ୍କୁ ମଧ୍ୟରୁ କେହି ମଧ୍ୟ ଜୀବିତ ଫେରି

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ଆସିବ ନାହିଁ । ଏଥିରେ ହଜ୍‌ରତ୍ ଜୈଦ୍ ର:ଅ କହିଲେ କି ମୁଁ ଜୀବିତ ବଂଚି ଆସେ ବା ନ ଆସେ କିନ୍ତୁ ଏହା ନିଶ୍ଚିତ ରୂପେ ସତ୍ୟ ଅଟେ ଯେ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ସଚ୍ଚା ରସୁଲ୍ ଓ ନବି ଅଟନ୍ତି ।

*(ଉଦ୍ଧୃତ ପୁସ୍ତକ ଫରିଜାଏ ତବ୍‌ଲିଗ୍ ଅଓର୍ ଅହେମଦୀ ଖୱାତୀନ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୪୦୫-୪୦୬)*

ଏହି ଯୁଦ୍ଧର ଅବସ୍ଥା ସମ୍ବନ୍ଧରେ ଓ ଶହୀଦ୍ ସାହାବାମାନଙ୍କ ସମ୍ବନ୍ଧରେ ଅଲ୍ଲାଃତାଲାଙ୍କ ତରଫରୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖବର ଦିଆଗଲା । ଏ ସମ୍ବନ୍ଧରେ ମଧ୍ୟ ଗୋଟିଏ ରିୱାୟତ୍ ରହିଛି । ହଜ୍‌ରତ୍ ଅନସ୍ ବିନ୍ ମାଲିକ ର:ଅ ରିୱାୟତ କରୁଛନ୍ତି ଯେ ନବି କରିମ୍ ସ:ଆ:ସ କହିଲେ ଯେ ଜୈଦ୍ ଧ୍ୱଜା ଧରିଲେ ଓ ସେ ଶହୀଦ୍ ହେଲେ ପୁଣି ତାହା ଯାଫର୍ ଧରିଲେ ଓ ସେ ମଧ୍ୟ ଶହୀଦ୍ ହେଲେ । ପୁଣି ଅବ୍‌ଦୁଲ୍ଲାଃ ବିନ୍ ରୱାହା ଧ୍ୱଜାକୁ ଧରିଲେ ଓ ସେ ମଧ୍ୟ ଶହୀଦ୍ ହେଲେ । ଏ ଖବର ଦେବା ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଖିରୁ ଲୁହ ଝରୁଥିଲା । ପୁଣି ଆପଣ ସ:ଆ:ସ କହିଲେ ଯେ ପୁଣଇ ସେହି ଧ୍ୱଜାକୁ ଖାଲିଦ୍ ବିନ୍ ୱଲିଦ୍ ର:ଅ ବିନା କୌଣସି ସର୍‌ଦାରୀରେ ଧରିଲେ ଓ ତାଙ୍କୁ ବିଜୟ ପ୍ରାପ୍ତ ହେଲା ।

*(ସହ୍‌ହି ବୁଖାରୀ, କିତାବୁଲ୍ ଯନାଇଜ୍.... ହଦିସ୍ ୧୨୪୬)*

ଅଲ୍ଲାଃ ତାଲା ଉକ୍ତ ସାହାବାମାନଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରି ଚାଲନ୍ତୁ ।

ସାହାବାମାନଙ୍କ ସମ୍ବନ୍ଧରେ ଚର୍ଚ୍ଚା କରିବାରେ ମୁଁ କିଛି ମରହୁମୀନ୍ (ଅର୍ଥାତ୍ ମୃତ ବ୍ୟକ୍ତି)ମାନଙ୍କ ସମ୍ବନ୍ଧରେ କହିବି ଓ ସେମାନଙ୍କର ଆଜି ଏଠାରେ ଯନାଜାଃ ମଧ୍ୟ ପଢ଼ାଇବି ।

ପ୍ରଥମ ବ୍ୟକ୍ତି ହେଉଛନ୍ତି ମୋକରମ୍ ମଲକ୍ ମୁହମ୍ମଦ୍ ଅକ୍‌ରମ୍ ସାହେବ ଯିଏ ଏ ସିଲ୍‌ସିଲାର ମୁରବୀ ଥିଲେ । କାଲି ଅର୍ଥାତ୍ ୨୫ ଏପ୍ରିଲ୍‌କୁ ମଚେଂଷ୍ଟରଠାରେ ତାଙ୍କର ଦେହାନ୍ତ ହେଲା । ***ଇନ୍ନାଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*** । ତାଙ୍କର ଯନାଜାଃ ଏଠାରେ ଉପସ୍ଥିତ ଅଛି । ନମାଜ ପାଠ ପରେ ମୁଁ ଇନ୍‌ଶାଅଲ୍ଲାଃ ବାହାରକୁ ବାହାରି ତାଙ୍କର ଯନାଜାଃ ପଢ଼ାଇବି ।

୨ ଫେବ୍ରୁୟାରୀ ୧୯୪୭ ମସିହାରେ ମଲ୍‌କୁୱାଲ୍‌ଜିଲ୍ଲା ଗୁଜରାଟରେ ଜନ୍ମ ହୋଇଥିଲେ । ୧୯୬୧ । ମସିହାରେ ସେ ନିଜେ ବୟତ କଲେ । ଯମାତ୍‌ରେ ସାମିଲ୍ ହେଲେ । ତାଙ୍କ ବଡ଼ଭାଇ ମାଷ୍ଟର ଆଜମ୍ ସାହେବ ପ୍ରଥମେ ଅହେମଦୀ ହୋଇଥିଲେ । ସେ ମଧ୍ୟ ନିଜେ ବୟତ କରିଥିଲେ । ତାଙ୍କ ଜରିଆରେ ଇଏ ମଧ୍ୟ ବୟତ କରିଥିଲେ । ମୋର ମନେ ଅଛି ସେ ଗୋଟିଏ ନିବନ୍ଧ ରଚନା କରିଥିଲେ, ସେଥିରେ ସେ ଏକଥା ଉଲ୍ଲେଖ କରିଥିଲେ ଯେ ମୁଁ ଶିକ୍ଷା ହାସଲ କରିବା ପାଇଁ ରବ୍‌ୱା ଆସିଲି । ରବ୍‌ୱାର ପରିବେଶରୁ ମୁଁ ବହୁତ ପ୍ରଭାବିତ ହେଲି ପୁଣି ତାପରେ ବୟତ କରିନେଲି । ସେ ଯାହା ହେଉ ୧୯୬୨ ମସିହାରେ ସେ ନିଜେ ବୟତ କରିବା ପରେ ନିଜକୁ ଯମାତର ସେବା ନିମନ୍ତେ ୱକଫ୍ (ଅର୍ଥାତ୍ ସମର୍ପଣ) କଲେ । ବି.ଏ କରିବା ପରେ ଶାହିଦ୍ ଡ଼ିଗ୍ରୀ ପୁଣି ଆରବୀ ଫାଜିଲ୍ ଡ଼ିଗ୍ରୀ ସେ ହାସଲ କଲେ । ୧୯୭୧ ମସିହାରେ ତାଙ୍କର ନିଯୁକ୍ତି ଜଣେ ମୁରବୀ ରୂପେ ହେଲା । ହଜ୍‌ରତ୍ ଖଲିଫତୁଲ ମସିହ ସାଲିସ ତାଙ୍କର ନିକାହ୍ ୧୯୭୦ ମସିହାରେ ଅମତୁଲ୍ କରିମ୍ ସାହିବା ଯିଏ ମୌଲବୀ ଅବୁଲ୍ ବଶାରତ୍ ଅବ୍‌ଦୁଲ୍ ଗଫୁର୍ ସାହେବଙ୍କ ସାହିବା ଯିଏ ମୌଲବୀ ଅବୁଲ୍ ବଶାରତ୍ ଅବ୍‌ଦୁଲ୍ ଗଫୁର ସାହେବଙ୍କ ସୁପୁତ୍ରୀ ଥିଲେ, ତାଙ୍କ ସହିତ ପଢ଼ାଇଲେ । ସେ ପାକିସ୍ତାନର ବିଭିନ୍ନ ଇଲାକାରେ ଓ ପୁଣି ବିଦେଶରେ ମଧ୍ୟ ଖିଦ୍‌ମତ (ସେବା) କରିବାର ସୌଭାଗ୍ୟ ପାଇଛନ୍ତି । ୟୁ.କେ Oxford, Manchester, Glasgow ରେ ଏବଂ Cardiff ଯମାତ୍‌ରେ ତିରିଶି ବର୍ଷ ଧରି ସେବା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସେ ମୋଟ ୪୫ ବର୍ଷ ଖିଦମତ୍ କରିଛନ୍ତି । ୟୁ.କେ ରେ ଅନେକ ବର୍ଷ ପର୍ଯ୍ୟନ୍ତ ସେ ନାଏବ୍ ଅଫିସର ଯଲ୍‌ସାଗାଃ ରୂପେ ସେବା କରିଛନ୍ତି । ୧୯୭୧ ରୁ ୧୯୭୩ ପର୍ଯ୍ୟନ୍ତ ପାକିସ୍ତାନରେ ବିଭିନ୍ନ ସ୍ଥାନରେ ରହିଛନ୍ତି । ପୁଣି ୭୩ ରୁ ୭୭ ପର୍ଯ୍ୟନ୍ତ ଗାମ୍ବିଆ ଦେଶରେ ରହିଲେ । ପୂନର୍ବାର ୭୭ ରୁ ୭୯ ପର୍ଯ୍ୟନ୍ତ କରାଚି ପାକିସ୍ତାନରେ ରହିଲେ ପୁଣି ୭୯ ରୁ ୮୦ ପର୍ଯ୍ୟନ୍ତ ରବ୍‌ୱା ମର୍କଜ୍‌ରେ ୱକାଲତ୍ ତବ୍‌ଶିର୍ ରେ ରହିଲେ । ପୁଣି ୮୦ ରୁ ୮୩ ପର୍ଯ୍ୟନ୍ତ ନାଇଜେରିୟା ମିଶ୍‌ନାରୀ କଲେଜ୍ ଇଲାରୁର ପ୍ରିନ୍‌ସପାଲ୍ ରହିଲେ । ପୁଣି ସେ ରବ୍‌ୱା ଫେରିଲେ ଓ ୮୯ ମସିହା ପର୍ଯ୍ୟନ୍ତ ସେ ରବୁୱାରେ ରହିଲେ । ପୁଣି ୮୯ ରୁ ୨୦୧୮ ପର୍ଯ୍ୟନ୍ତ ୟୁ.କେ ରେ ସେବା କରିବାର ସୌଭାଗ୍ୟ ପାଇଲେ । ପ୍ରଥମେ ତ ସେ ତାଙ୍କ ବୟସ ଅନୁସାରେ ୨୦୦୭ ମସିହାରେ ରିଟାଏଡ଼ ହେଲେ ତା ପରେ ପୁନର୍ବାର ରି ଏମ୍‌ପ୍ଲାଇ ହେଲେ ଓ ୨୦୧୮ ମସିହା ପର୍ଯ୍ୟନ୍ତ ତାଙ୍କୁ ଖିଦ୍‌ମତ୍ କରିବାର ସୌଭାଗ୍ୟ ମିଳିଲା । ୱକ୍‌ଫେ ଜିନ୍ଦେଗୀ ତ ୱକ୍‌ଫ୍ ରହିଥାଏ କିନ୍ତୁ ସେ ଯାହା ହେଉ ବିଗତ ଦିନଗୁଡ଼ିକରେ ବିମାର ହୋଇଯିବା ଯୋଗୁଁ ସେ ଆଉ ଆକ୍‌ଟିଭ୍ (Active) ଖିଦ୍‌ମତ୍ ପାରିଲେ ନାହିଁ । ଏହିପରି ତାଙ୍କ ରିଟାଏଡ଼୍‌ମେଂଟ ହୋଇଥିଲା । କିନ୍ତୁ ଆମେ ଏହା କହିପାରିବୁ ଯେ ସେ ଏହିପରି କିଛି ମାସ ହିଁ ଅନିମିୟତତାର ସହ ଖିଦ୍‌ମତ୍ କରିଛନ୍ତି । ଗୋଟିଏ ଦୃଷ୍ଟିରୁ ସେ ଖିଦ୍‌ମତ୍ କରିବା ଅବସ୍ଥାରେ ନିଜର ଜୀବନ ଦେଇଛନ୍ତି ।

ଅମୀର ସାହେବ ୟୁ.କେ ଲେଖୁଛନ୍ତି ଯେ ସେ ଅତ୍ୟନ୍ତ ପରିଶ୍ରମି ଓ ଇତାଅତ୍ ଗୁଜାର୍ (ଅର୍ଥାତ୍ ଆଜ୍ଞାନୁବର୍ତିତା) ଥିଲେ । ତାଙ୍କ ମିଜାଜ୍ ଧୈର୍ଯ୍ୟପୂର୍ଣ୍ଣ ଥିଲା । ଯାହା କିଛି ଯମାତି ଖିଦ୍‌ମତ୍ ତାଙ୍କୁ ନ୍ୟସ୍ତ କରାଯାଏ ତାହା ଯେ ବହୁତ ପରିଶ୍ରମ କରି ଓ ଦିଆନତ୍‌ଦାରୀ (ଅର୍ଥାତ୍ ସଚୋଟ ପଣିଆ) ସହିତ ସମ୍ପାଦନ କରୁଥିଲେ ଓ ସେହି କାର୍ଯ୍ୟର ରିପୋର୍ଟ ତତ୍‌କ୍ଷଣାତ୍ ଦେଉଥିଲେ । ମଚେଂଷ୍ଟରରେ ନିୟୋଜିତ ଥିବାବେଳେ ମସ୍‌ଯିଦ୍ ଦାରୁଲ୍ ଅମାନ୍‌ର ନିର୍ମାଣ ହେଲା । ମଲକ୍ ସାହେବ୍ ଏହି ମସ୍‌ଯିଦ୍ ନିମନ୍ତେ ଫଣ୍ଡ ଏକାଠି କରିବାରେ ବହୁତ ପରିଶ୍ରମ କରିଛନ୍ତି ।

ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ କହୁଛନ୍ତି ଯେ ଅକ୍‌ରମ୍ ସାହେବ ବହୁତ ଉତମ ଚରିତ୍ର ଓ ଗୁଣର ଅଧିକାରୀ ଥିଲେ । ବହୁତ ପୂଣ୍ୟବନ୍ତ, ଦିୟାନତ୍‌ଦାର୍, ଅତ୍ୟନ୍ତ ନିଷ୍ଠାବାନ୍ ଓ ଉତ୍ସର୍ଗୀ ଅହେମଦୀ ଥିଲେ । କର୍ମଠ, ମୁବଲ୍ଲିଗ, ଦାୟିତ୍ୱର ସହିତ କାର୍ଯ୍ୟ ତୁଲାଇବା ବାଲା, ଖିଲାଫତ୍‌ର ଆଜ୍ଞାବହତା ସ୍ୱୀକାର କରିବାରେ ବହୁତ ଉଚ୍ଚସ୍ଥାନ ଅଳଂକୃତ କରିଥିବା ଖାଦିମେ ସିଲ୍‌ସିଲା ଥିଲେ । ତବ୍‌ଲିଗ୍ କରିବାରେ ତାଙ୍କୁ ବହୁତ ସଉକ ଥିଲା । ସିଆଲ୍‌କୋଟି ସାହେବ କହୁଛନ୍ତି ଯେ ଆମେ ଯେତେବେଳେ ପାଠ ପଢୁଥିଲୁ ସେ ସମୟରେ ମଧ୍ୟ ସେ ଏକଦା ଛୁଟି ସମୟରେ ଆମ ଗାଁକୁ ଆସିଲେ । ଗାଁରେ ଆସି ତବ୍‌ଲିଗ୍ କାର୍ଯ୍ୟରେ ଲାଗିଗଲେ । ଏବଂ ଖୁଦାମ୍ ଓ ଅନ୍‌ସାରମାନଙ୍କ ଅନ୍ତର୍ଗତ ଖିଦ୍‌ମତ କରିବା ନିମନ୍ତେ ନିଜର ଯେଉଁ ଛୁଟି ଥିଲା ତାହାକୁ ୱକ୍‌ଫ କରିଦେଇଥିଲେ ଓ ସର୍ବଦା ବହୁତ ବିନମ୍ରତାର ସହିତ ଜୀବନ କାଟିଛନ୍ତି । ପ୍ରାଇଭେଟି ସେକ୍ରେଟେରି ଯିଏ ଲଣ୍ଡନରେ ସେବା କରୁଛନ୍ତି ଯନାବ୍ ଅସ୍‌ଲମ୍ ଖାଲିଦ୍ ସାହେବ କହୁଛନ୍ତି ମୋର ଇଏ ପ୍ରୀୟ ବନ୍ଧୁ ମଧ୍ୟ ପରେ ହୋଇଗଲେ ଅର୍ଥାତ୍ ତାଙ୍କ ବିବାହ ଯୋଗୁଁ ଶ୍ୱଶୁରଘରପଟୁ ବନ୍ଧୁଥିଲେ । ସେ ଲେଖୁଛନ୍ତି କି, ଯେଉଁଠାରେ ମଧ୍ୟ ତାଙ୍କର ଭାଷଣ ହୋଇଛି ସେଠାରେ ସେ ଯମାତ୍‌ର ଲୋକମାନଙ୍କର ହୃଦୟ ଜିତିଛନ୍ତି ଓ ରୋଗଗ୍ରସ୍ତ ଥିବା ସମୟରେ ମଧ୍ୟ ଯେଉଁଠାରେ ସେ ଖିଦ୍‌ମତ୍ କରିଛନ୍ତି ବିଶେଷ ରୂପେ ମଚେଂଷ୍ଟରର ଲୋକମାନେ ତାଙ୍କ ସମ୍ବନ୍ଧରେ ବହୁତ ପ୍ରେମର ସହିତ ଚର୍ଚ୍ଚା କରୁଥିଲେ । ଯମାତ୍‌ର ଛୋଟ ଛୋଟପିଲା ଓ ଯୁବକମାନଙ୍କ ସହିତ ମଧ୍ୟ ତାଙ୍କର ବହୁତ ସ୍ନେହର ସମ୍ବନ୍ଧ ଥିଲା । ଏ ସମ୍ବନ୍ଧରେ ଗୋଟିଏ ଉଦାହରଣ ଦେଇ ଅସ୍‌ଲମ୍ ଖାଲିଦ୍ ସାହେବ କହୁଛନ୍ତି ଯେ, ସେହି ପିଲାମାନେ ଯେଉଁମାନେ

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahemadiya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahemadiya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahemadiya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahemadiya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.4 Thursday 23-30 May 2019 Issue No. 21-22**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ଏବେ ଯୁବକ ହୋଇସାରିଛନ୍ତି ଓ ସେମାନଙ୍କର ବିବାହ ମଧ ହୋଇସାରିଛି, ତାଙ୍କ ମଧରୁ ଗୋଟିଏ ପିଲାର ନିଜ ବିବାହପରେ ଯେବେ ପ୍ରଥମ ସନ୍ତାନ ଜନ୍ମ ହେଲା ସେ ରାତିର ଅଢ଼େଇ ଓ ତିନିଟା ସମୟରେ ମୋତେ ଫୋନ କରି କହିଲେ ଯେ, ମୁରବୀ ସାହେବ ମୋ ଘରେ ପୁତ୍ର ସନ୍ତାନ ଜନ୍ମ ହୋଇଛି । ଅକ୍‌ରମ୍ ସାହେବ କହୁଛନ୍ତି ପ୍ରଥମେ ମୋ ମନ ଭିତରେ ଖୟାଲ ଆସିଲା ଯେ, ରାତିବେଳେ ଏ ଖବର ଦେବାର କଣ ଆବଶ୍ୟକ ଥିଲା ସକାଳବେଳେ ବତାଇ ପରିଥାନ୍ତେ କିନ୍ତୁ ସେ ପିଲାର ନିଜର ମିଶ୍‌ନାରୀ ସହିତ, ମୁବ୍‌ଲିଗ୍ ସହିତ, ତର୍‌ବିୟତ୍ କରବାବାଲା ସହିତ ଯେଉଁ ପ୍ରେମ ଥିଲା କହୁଛନ୍ତି କି, ତା'ର ଆଗ ବାକ୍ୟଟି ମୋ ମୁହଁ ବନ୍ଦ କରିଦେଲା ସେହି ପୁଅ ଜଣକ କହିଲେ ଯେ, ମୁରବୀ ସାହେବ ମୁଁ ଏ ଶପଥ ନେଇଥିଲି ଯେ, ଯେବେ ବି ଅଲ୍ଲାଃ ତାଲା ମୋତେ ପୁତ୍ର ସନ୍ତାନ ପ୍ରଦାନ କରିବେ ସର୍ବ ପ୍ରଥମେ ମୁଁ ଆପଣଙ୍କୁ ହିଁ ବତାଇବି ଏବେ ଆପଣଙ୍କୁ ଏ କଥା ବତାଇଦେଲି । ବର୍ତମାନ ମୁଁ ମୋ ବାପାକୁ ଏ ଖବର ଦେବି । ସୁତରାଂ ଲୋକମାନଙ୍କର ତାଙ୍କ ସହିତ ଓ ତାଙ୍କର ମଧ ଯମାତ୍‌ର ଲୋକମାନଙ୍କ ସହିତ ଏପରି ସ୍ନେହ ଓ ପ୍ରେମ ଭାବ ଥିଲା । ଅଲ୍ଲାଃ ତାଲା ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ । ତାଙ୍କର ଦୋଷ ଦୁର୍ବଳତା ଘୋଡ଼ାଇଦିଅନ୍ତୁ । ତାଙ୍କ ନିକଟ ସମ୍ପର୍କୀୟଙ୍କୁ ଧୈର୍ଯ୍ୟ ସାହାସ ପ୍ରଦାନ କରନ୍ତୁ ଏଠାରେ ତାଙ୍କର ଯନାଜାଃ ଉପସ୍ଥିତ ଅଛି ଯେପରି କି ମୁଁ କହିସାରିଛି ଏବେ ନମାଜ୍‌ପରେ ମୁଁ ବାହାରକୁ ଯାଇ ପଢ଼ାଇବି ।

ଦ୍ୱିତୀୟ ଯନାଜାଃ ଗାଏବ୍ (ଅର୍ଥାତ୍ ଅନୁପସ୍ଥିତ ଯନାଜାଃ) ତାହା ହେଉଛି ଚୌଧୁରୀ ଅବ୍‌ଦୁଲ୍ ଶକୁର୍ ସାହେବ ମୁବ୍‌ଲିଗ୍ ସିଲ୍‌ସିଲାଙ୍କର ସେ ଚୌଧୁରୀ ଅବ୍‌ଦୁଲ୍ ଅଜୀଜ୍ ସିଆଲ୍‌କୋଟି ସାହେବଙ୍କ ସୁପୁତ୍ର ଥିଲେ । ୧୨ ଏପ୍ରିଲ୍ ଦିନ ତାଙ୍କର ଦେହାନ୍ତ ହେଲା *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ସେ ୧୦ ନଭେମ୍ବର ୧୯୩୫ ମସିହାରେ ଜନ୍ମ ହୋଇଥିଲେ ସେ ଜନ୍ମିତ ଅହେମଦି ଥିଲେ । ତାଙ୍କ ଦାଦା (ଜେଜେ) ୧୯୦୧ ମସିହାରେ ବୟତ କରିଥିଲେ । ମୁକ୍‌ରମ୍ ଅବଦୁଲ୍ ଶକୁର୍ ସାହେବ ଏଫ.ଏ କରିଥିଲେ ପୁଣି ଶାହିଦ୍ କଲେ ପୁଣି ମୌଲବୀ ଫାଜିଲ୍ କଲେ ଜୁନ୍ ୧୯୫୬ ମସିହାରେ ଜୀବନ ଉତ୍ସଗ କଲେ । ଏହାର ପୂର୍ବରୁ ରେଲୱେ ଡ଼ିଭିଜନରେ ଜଣେ ଟାଇପିଷ୍ଟ କ୍ଲର୍କ ରୂପେ କାମ କରୁଥିଲେ । ୧୯୬୨ ମସିହାରେ ମୌଲବୀ ଫାଜିଲ୍ ର ପରୀକ୍ଷା ପାଶ୍ କଲେ ଓ ୧୯୬୩ ମସିହାରେ ଯାମିୟା ଅହେମଦୀୟାରୁ ଶାହିଦ୍‌ର ପରୀକ୍ଷା ପାଶ୍ କଲେ । ଜୁଲାଇ ୧୯୬୩ରୁ ତାଙ୍କର ନିଯୁକ୍ତି ୱକାଲତେ ମାଲ୍ ଶାନିରେ ହୋଇଥିଲା ପୁଣି ରବ୍‌ୱାର ବିଭିନ୍ନ କାର୍ଯ୍ୟାଳୟରେ ଖିଦ୍‌ମତ୍ ସମ୍ପାଦନ କରିଚାଲିଲେ । ୧୯୬୪ ମସିହାରେ ଇସ୍‌ଲାମ୍‌ର ତବ୍‌ଲିଗ୍ ନିମନ୍ତେ ତାଙ୍କୁ ସିରିୟାଲୋନ୍ ପଠାଗଲା । ନଭେମ୍ବର ୧୯୬୮ ପର୍ଯ୍ୟନ୍ତ ସେଠାରେ ସେବା କରିବାର ସୌଭାଗ୍ୟ ପାଇଲେ । ଡ଼ିସେମ୍ବର ୭୦ ରୁ ୭୩ ପର୍ଯ୍ୟନ୍ତ ଘାନାରେ ରହିଲେ । ୧୯୭୫ ରୁ ୧୯୭୮ ପର୍ଯ୍ୟନ୍ତ ଗାମ୍ବିୟାରେ ରହିଲେ । ଫେବୃୟାରୀ ୧୯୮୦ ରୁ ଏପ୍ରିଲ ୧୯୮୬ ପର୍ଯ୍ୟନ୍ତ ଲାଇବେରିଆରେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସବୁ ଦେଶ ଗୁଡ଼ିକରେ ସେ ଅମୀର୍ ଓ ମିଶ୍‌ନାରୀ ଇନ୍‌ଚାର୍ଜରୂପେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି । ୧୯୯୦ରେ ତାଙ୍କର ନିଯୁକ୍ତି ନାଏବ୍ ୱକିଲୁଲ୍ ତବ୍‌ଶିର୍ ରୂପେ କରାଗଲା । ନାଏବ୍ ୱକିଲୁଲ୍ ମାଲ୍ ସାଲିସ୍, ସେକ୍ରେଟାରୀ କମିଟି ଆବାଦି, ନାଏବ ୱକିଲୁଲ୍ ମାଲ୍ ସାନି ରୁପେ ମଧ ସେବା କରିଛନ୍ତି । ୧୯୯୫ ମସିହାରେ ରିଟାୟଡ୍ ହେବା ପରେ ୨୦୦୪ ମସିହା ପର୍ଯ୍ୟନ୍ତ ରିଏମ୍ପଲଇ ରୂପେ ସେବା କରିବାର ସୌଭାଗ୍ୟ ପାଇଲେ । ଆଖିରେ କଳାମୋତିଆ ହେବାରୁ ସେ କଷ୍ଟଯୋଗୁଁ ୨୦୦୪ ମସିହାରେ ରିଟାୟଡ୍ ହୋଇଥିଲେ ।

ତାଙ୍କ ସୁପୁତ୍ର ଡ଼ାକ୍ତର ଅବ୍‌ଦୁଲ୍ ସବୁର୍ ସାହେବ ଯିଏ ଆମେରିକାରେ ରହୁଛନ୍ତି, ସେ କହୁଛନ୍ତି କି, ମୋ ବାପା ଅତ୍ୟନ୍ତ ସାଧାସିଧା ଓ ପରିଶ୍ରମି ଥିଲେ । ଆମକୁ ଲାଇବେରିଆରେ ଜଣେ ଅମୀର ମିଶ୍‌ନାରୀ ଇନ୍‌ଚାର୍ଜରୂପେ ତାଙ୍କୁ ତବ୍‌ଲିଗ୍ ଓ ତରବିୟତି କାର୍ଯ୍ୟରେ ଅହରହ କାର୍ଯ୍ୟରେ ଲାଗିରହିଥିବାର ଦେଖିବାର ମଉକା ମିଳିଛି । ସବୁବେଳେ ବହୁତ ପରିଶ୍ରମ କରି ଖୁତ୍‌ବା ପ୍ରସ୍ତୁତ କରୁଥିଲେ । ପବିତ୍ର କୋରାନ୍, ହଦିସ୍, ସିଲ୍‌ସିଲାର ପୁସ୍ତକ ଏବଂ ବାଇବେଲ ଇତ୍ୟାଦି ପୁସ୍ତକଗୁଡ଼ିକରୁ ହୱାଲା (ଅର୍ଥାତ୍ ରିଫରେନ୍‌ସ) ବାହାର କରି ବହୁତ ଉଚ୍ଚ କୋଟିର ଖୁତ୍‌ବା ଦେଉଥିଲେ । ଖ୍ରୀଷ୍ଟିୟାନ ଏବଂ ମୁସଲମାନମାନଙ୍କୁ ଦଲିଲ ଓ ପ୍ରମାଣ ସହିତ ତବ୍‌ଲିଗ୍ କରୁଥିଲେ ଓ ବହୁତ ପ୍ରେମ ପୂର୍ଣ୍ଣ ଭାବରେ କଥା ହେଉଥିଲେ । ପୁଣି ସେ କହୁଛନ୍ତି କି, ଆମ ସମସ୍ତ ଭାଇଭଉଣୀମାନଙ୍କ ଶିକ୍ଷା ହାସଲ କରିବାର ସମସ୍ତ ଖର୍ଚ୍ଚ ନିଜର ସୀମିତ ସାଧନ ଦ୍ୱାରା ପୂର୍ଣ୍ଣ କଲେ ଓ ଆମ ସମସ୍ତଙ୍କୁ ଉଚ୍ଚ ଶିକ୍ଷାର ଅଳଙ୍କାରରେ ବିମଣ୍ଡିତ କଲେ ।

ମେହମୁଦ୍ ତାହେର୍ ସାହେବ ଯିଏ ପାକିସ୍ତାନରେ ଅନ୍‌ସାରୁଲ୍ଲାଃର କାଏଦ୍ ଉମୁମି ଅଛନ୍ତି, ସେ କହୁଛନ୍ତି ବହୁତ ଚୁପଚାପ ହୋଇ ସେବା କରୁଥିଲେ କାମରେ କାମ ରଖୁଥିଲେ ଓ ଅତ୍ୟନ୍ତ ସଠିକ୍ ରାୟ ଦେଉଥିଲେ । ନାଏବ୍ ୱକିଲୁଲ୍ ତବ୍‌ଶିର୍ ଶେଖ୍ ହାରିସ୍ ସାହେବ କହୁଛନ୍ତି ଯେ, ସେ ଅତ୍ୟନ୍ତ ବିନ୍ରମ ସ୍ୱଭାବ ବ୍ୟକ୍ତି ଥିଲେ । ଭଦ୍ର ଲୋକ ଥିଲେ । ନିର୍ମଳ ସ୍ୱଭାବର ଲୋକଥିଲେ ଖିଲାଫତ୍ ଏବଂ ସିଲ୍‌ସିଲାର ଅତ୍ୟନ୍ତ ଭକ୍ତି ପୂର୍ଣ୍ଣ ଭାବରେ ଉତ୍ସର୍ଗିଥିଲେ । ହଇଦର ଅଲୀ ଜଫର୍ ସାହେବ ଯିଏ ଆଜିକାଲି ଜର୍ମାନୀର ନାଏବ୍ ଅମୀର ଅଛନ୍ତି ସେ କହୁଛନ୍ତି ଯେ ଅବ୍‌ଦୁଲ୍ ଶକୁର୍ ସାହେବ ବହୁତ ସୁଃଗୁଣର ମାଲିକ ଥିଲେ । ଅତ୍ୟନ୍ତ ନିଷ୍ଠାବାନ, ସାଧାସିଧା, ବିନମ୍ର ସ୍ୱଭାବି, ପରିଶ୍ରମି ଏବଂ ଯମାତ୍ ସମ୍ପତିକୁ ବହୁତ ଦେଖି ଚାହିଁ ସନ୍ତର୍ପଣରେ ସହିତ ଖର୍ଚ୍ଚ କରୁଥିଲେ । ଜଣେ ଧର୍ମ ପରାୟଣ ଏବଂ କର୍ତବ୍ୟ ପରାୟଣ ବ୍ୟକ୍ତି ଥିଲେ । ଯମାତ୍‌ର ବୁକ୍‌ସପ୍‌କୁ ଯାହା ଲାଇବେରିଆରେ ଥିଲା ବହୁତ ସୁନ୍ଦରଭାବେ ତାଙ୍କୁ ପରିଚାଳିତ କରିଛନ୍ତି ଓ ସେଥିରୁ ଯେଉଁ ଆମଦାନୀ ହୁଏ ତାହା ଦ୍ୱାରା ମସ୍‌ଜିଦ୍ ଏବଂ ମୁରବୀ ହାଉସ୍ ନିର୍ମାଣ କରିଛନ୍ତି । ଅଳ୍ପ ଜାଗାରେ ଗୋଟେ ଛୋଟ କଂପ୍ଲେସ ବନାଇଲେ ସେଥିରେ ଲାଇବ୍ରେରୀ ମଧ ଥିଲା, ଅତିଥିଶାଳା ମଧ ଥିଲା ଏବଂ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ମସ୍‌ଜିଦ୍‌ରେ ଅଲଗା ଅଲଗା ବିଭାଗ ଥିଲା । ମୁରବୀ ହାଉସ୍ ମଧ ଥିଲା ଏବଂ ମସ୍‌ଜିଦ୍ ନିର୍ମାଣ କରିବା ସମୟରେ ନିଜେ ନିଜ ହାତ ଦ୍ୱାରା ମୁଲିଆ ମଜୁରୀଆଙ୍କ ସହିତ ମିଶି କାମ କରୁଥିଲେ । ଏକରେ ତ ନିଜେ ଆମଦାନୀ କରି ମସ୍‌ଜିଦ୍ ବନାଇଲେ, କଂପ୍ଲେସ ବନାଇଲେ ପୁଣି ନିଜେ ମଧ ସେଥିରେ ମୁଲିଆ ରୂପେ କାମ କଲେ । ଏକଥା ହାଇଦର ଅଲୀ ସାହେବ କହୁଛନ୍ତି ଯେ, ୧୯୮୬ ମସିହାରେ ଯେବେ ମୁଁ ତାଙ୍କଠାରୁ ଚାର୍ଜ ନେଲି ସେଠାରେ ତାଙ୍କୁ Farewell ଦିଆଗଲା । ସେତେବେଳେ ମସ୍‌ଜିଦ୍ ଏବଂ ମିଶନ୍ ହାଉସ୍ ନିର୍ମାଣ ସମ୍ବନ୍ଧରେ ଯେବେ ଏ ଚର୍ଚ୍ଚା କରାଗଲା ଯେ, ସେ ବହୁତ ପରିଶ୍ରମ କରି ଏ କାର୍ଯ୍ୟ କରିଛନ୍ତି ଏବଂ ତାଙ୍କର ପ୍ରଶଂସା କରାଗଲା, ଏଥିରେ ସେ ବହୁତ ବିନମ୍ରତାର ସହିତ କହିଲେ ଯେ ମୋ ପୂର୍ବରୁ ଜଣେ ମୁବ୍‌ଲିଗ୍ ଏ ଯାଗାକୁ କିଣିବାର ସୌଭାଗ୍ୟ ପାଇଥିଲେ ଓ ଅଲ୍ଲାଃ ତାଲା ମୋତେ ଏ ସୌଭାଗ୍ୟ ପ୍ରଦାନ କଲେ କି ମୋ ସମୟରେ ଏ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲା । ଏବେ ଆପଣମାନେ ଏଥିରେ ତବ୍‌ଲିଗ୍ ଆକ୍ଟିଭିଟିଜ୍ କରିପାରିବେ ଓ ଅସଲରେ ତ ଅଲ୍ଲାଃ ତାଲାଙ୍କର ଦୟା ଓ କୃପା ଯେ ସେ ଏ ସୌଭାଗ୍ୟ ପ୍ରଦାନ କରିଛନ୍ତି । ସେ ମୁଶି ଥିଲେ ତାଙ୍କ ଅନ୍ତେ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ଦୁଇ ଜଣ ଝିଅ ଓ ତିନିଜଣ ପୁତ୍ର ଅଛନ୍ତି । ଅଲ୍ଲାଃ ତାଲା ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ।

ତୃତୀୟ ଜନାଯାଃ ହେଉଛି ଗାଏବ୍ ମୁକ୍‌ରମ୍ ମଲକ୍ ସ୍ୱାଲେହ ମୁହମ୍ମଦ ସାହେବ ମୁଅଲିମ୍ ୱକ୍‌ଫେ ଯଦିଦଙ୍କର । ସେ ୨୧ ଏପ୍ରିଲ୍ ୨୦୧୯ ତାରିଖରେ ଦେହ ତ୍ୟାଗ କଲେ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କ ଅଣଅଜା ମଲକ୍ ଅଲ୍ଲାଃ ବଖଶ୍ ସାହେବ ର:ଅ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବୀ ଥିଲେ ଯିଏ ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟପରାଗର ନିଦର୍ଶନକୁ ଦେଖି ଲୋଧରାଁରୁ ପାଦରେ ଚାଲି କାଦିଆନ୍ ପହଂଚି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ତାଙ୍କର ବାପା ମୁକରମ୍ ଗୁଲାମ୍ ମୁହମ୍ମଦ ସାହେବ ଏ ସମ୍ପ୍ରଦାୟର ପ୍ରାରମ୍ଭିକ ମୁଅଲିମ୍ ମାନଙ୍କ ମଧରୁ ଜଣେ ଥିଲେ । ୧୯୫୯ ମସିହାରେ ତାଙ୍କର ଜନ୍ମ ହୋଇଥିଲା ୧୯୭୬ ମସିହାରେ ସେ ଜାମିୟା ଅହେମଦିୟାରେ ପ୍ରବେଶ ନିମନ୍ତେ ଚେଷ୍ଟା କରିଥିଲେ କିନ୍ତୁ ତାଙ୍କର ବୟସ ଅଧିକ ହୋଇଯାଇଥିଲା ସେଥିଯୋଗୁଁ ପ୍ରବେଶ ମିଳିଲା ନାହିଁ ସୁତରାଂ ସେ କୋଟରୀଠାରେ ଗୋଟିଏ ମିଲ୍‌ରେ ଚାକିରି କଲେ । ତାଙ୍କ ପୁତ୍ର ଲେଖୁଛନ୍ତି ଯେ ମୋ ଦାଦା (ଜେଜେ) ମଲକ୍ ଗୁଲାମ ମୁହମ୍ମଦ ସାହେବ ଯିଏ ମୁଅଲିମ୍ ଥିଲେ, ସେ ତାଙ୍କୁ ସାକ୍ଷାତ କରିବାପାଇଁ କୋଟରୀ ଗଲେ । ସେଠିକାର ପରିବେଶ ତାଙ୍କୁ ଭଲ ଲାଗିଲା ନାହିଁ ତେଣୁ ସେ ତାଙ୍କୁ ହିଦାୟତ ଦେଲେ ଯେ, ଯଥା ଶିଘ୍ର ଚାକିରି ଛାଡ଼ିଦିଅନ୍ତୁ ଏବଂ ୱକ୍‌ଫେ ଯଦିଦ ଅନ୍ତର୍ଗତ ମୁଅଲିମ୍ ହୋଇ ନିଜର ଜୀବନ ୱକ୍‌ଫ କରନ୍ତୁ । ସୁତରାଂ ସେ ଚାକିରି ଛାଡ଼ି ଚାଲିଆସିଲେ ସେତେବେଳେ ସେ ବିବାହ ମଧ କରିସାରିଥିଲେ ସେଠାରେ ଚାକିରିରେ ତାଙ୍କୁ ସେ ସମୟରେ ୪୫୦ ଟଙ୍କା ଦରମା ମିଳୁଥିଲା । ସେ ମୁଅଲିମ୍ କ୍ଲାସ୍‌ରେ ଆସି ସାମିଲ ହେଲେ ତା ପରେ ସେ ମୁଅଲିମ୍ ହୋଇଗଲେ ତାଙ୍କୁ ଯମାତ ତରଫରୁ ୧୩୫ ଟଙ୍କା ଆଲାଉନ୍‌ସ ମିଳୁଥିଲା କିନ୍ତୁ ଏହା ସତ୍ୱେ ମଧ ତାଙ୍କୁ ଏ ଗର୍ବ ଥିଲା ଯେ, ମୋ ପାଇଁ ଏହା ବହୁତ ସମ୍ମାନର ବିଷୟ କି ଅଲ୍ଲାଃ ତାଲା ମୋତେ ଧର୍ମ ସେବା କରିବାର ସୌଭାଗ୍ୟ ଦେଉଛନ୍ତି । ପାଖାପାଖି ୧/୪ ବା ୧/୩ ଆମଦାନୀରେ ଆସି ୱକ୍‌ଫ ଆରମ୍ଭ କଲେ । ପ୍ରଥମେ ସଂସାର କମାଉଥିଲେ । ନିଗର ପାର୍କରଠାରେ ତାଙ୍କର ନିଯୁକ୍ତି ୧୯୮୯ ମସିହାରେ ହେଲା ସେତେବେଳେ ବହୁତ କଠିନ ପରିସ୍ଥିତି ଥିଲା । ତାଙ୍କ ପୁତ୍ର ଯିଏ ଜଣେ ସିଲ୍‌ସିଲାର ମୁରବୀ ଅଛନ୍ତି, ସେ ଲେଖୁଛନ୍ତି ଯେ, ମୋ ମାଆ ବର୍ଣ୍ଣନା କରୁଛନ୍ତି କି, ଯେତେବେଳେ ତାଙ୍କର ନିଗର ପାର୍କରର ଗ୍ରାମ ହବାସ୍‌ର ସେଂଟରରେ ବଦଳି ହେଲା ସେତେବେଳେ ସେଠାରେ ବହୁତ ଦିନରୁ ମୁଅଲିମ୍ ହାଉସ୍ ବନ୍ଦ ପଡ଼ିଥିଲା ଘର ଭାଙ୍ଗିଯାଇଥିଲା ତେଣୁ ମୋ ବାପା ବହୁତ ଦୂରରୁ ଦିନବେଳା ପାଣି ନେଇଆସନ୍ତି ଓ ମାଟି ଏକାଠି କରନ୍ତି ଏବଂ ରାତିରେ ଦୁଇଜଣଯାକ ସ୍ୱାମୀ, ସ୍ତ୍ରୀ ମିଶି କଂଚା ଇଟା ନିର୍ମାଣ କରନ୍ତି ଏବଂ ଯେତେବେଳେ ଇଟା ତିଆରି ହୋଇଗଲା ଦୁଇଜଣ ଯାକ ନିଜକୁ ନିଜ ସାହାର୍ଯ୍ୟ କରି ରହିବାର ବ୍ୟବସ୍ଥା କରିନେଲେ । ସେଠାରେ ରହିବାପାଇଁ କୌଣସି ସ୍ଥାନ ନଥିଲା । ସିନ୍ଧ୍‌ରେ ମଧ ଯେଉଁ ପ୍ରାରମ୍ଭିକ ମୁଅଲିମ୍ ମାନେ ଥିଲେ, ସେମାନେ ବହୁତ ବଡ଼ ବଳିଦାନ କରି ଦିନ କାଟିଛନ୍ତି । ନିଜେ ହିଁ ପାଣି ବୋହିଛନ୍ତି । ଦୁରରୁ ପାଣି ଆଣୁଥିଲେ ଓ ମାଟି ମଧ ଏକାଠି କରୁଥିଲେ ପୁଣି ଇଟା ବନାଇଲେ ଓ ପୁଣି ନିଜେ ହିଁ ନିଜର ରହିବାପାଇଁ ଘର ତିଆରି କଲେ (କିନ୍ତୁ ଏହା ସତ୍ୱେ ମଧ) କୌଣସି ପ୍ରକାରର ଡ଼ିମାଣ୍ଡ ଯମାତରୁ କରିନାହାନ୍ତି । ଏ କଥା ତାଙ୍କ ପୁତ୍ର ଲେଖୁଛନ୍ତି ଯେ, ସେ ବତାଇଛନ୍ତି କି ନଗରପାର୍କରଠାରେ ତାଙ୍କ ପାଖରେ କୌଣସି ସୁବିଧା ନଥିଲା ସୁତରାଂ ଯେତେବେଳେ ସେ ମିଟିଙ୍ଗରେ ଯୋଗଦେବା ପାଇଁ ଆସୁଥିଲେ ସେତେବେଳେ ନିଜ ପାଇଁ ମାସଯାକର ସବୁ ରାସନ, ହୋମିଓପାଥି ଔଷଧ ଓ ଅନ୍ୟାନ୍ୟ **....** ଜିନିଷ ନେଇ ଆସୁଥିଲେ କାରଣ ରିମୋଟ ଏରିଆରେ ରହୁଥିଲେ । ଥରେ ସେହିପରି

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**